# ବିପତ୍ତିର
# ନିର୍ବାରଣ

(ଦାଫେ ଉଲ୍ ବଲା)

ଲେଖକ:
**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ
ପ୍ରତିଶ୍ରୁତ ମସିହ ଓ ମେହଦୀ

# ବିପତ୍ତିର ନିବାରଣ

ମୂଳ ଉର୍ଦ୍ଦୁ : 'ଦାଫେ ଉଲ୍ ବଲା'

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ, ପ୍ରତିଶ୍ରୁତ ମସିହ ଓ ମେହଦୀ ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଓଡ଼ିଆ ରୂପାନ୍ତର: **ମୌ. ଅନଓ୍ୱର୍ ଅହମଦ ଖାନ୍,** ଏଚ.ଏ.

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍‌ପୁର, ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୧, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୫୦୦)

## BIPATIRA NIBARANA
## 'Dafe ul Bala'

*Author of the Book* : **Hadhrat Mirza Ghulam Ahmad**[as]
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Anwar Ahmad Khan**, H.A. Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2021, First Edition in Odia (500 copies)
*Printed at* : Fazle Umar Printing Press, Qadian (India)

*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*

**ISBN:**

ٹائیٹل بار اوّل

رَبَّنَا افْتَحْ بَيْنَنَا وَبَيْنَ قَوْمِنَا بِالْحَقِّ وَأَنْتَ خَيْرُ
الْفَاتِحِيْنَ

الحمد للہ کہ زمانہ کی ضرورت کے موافق بہتوں کو طاعون سے نجات
دینے کے لئے یہ رسالہ تالیف کیا گیا اور اس کا نام
ہے

# دافع البلاء و معیار اہل الاصطفاء

بمقام
قادیان دارالامان

باہتمام حکیم فضل دین صاحب مطبع ضیاء الاسلام
میں چھپا

تعداد جلد ۵۰۰     اپریل ۱۹۰۲ء

ପ୍ରଥମ ଉର୍ଦ୍ଦୁ ପ୍ରକାଶନର ପ୍ରଚ୍ଛଦ ପୃଷ୍ଠାର ଫଟୋଚିତ୍ର



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ

# ଲେଖକ ପରିଚୟ

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି[ଅ.ସ]

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ [ଅ.ସ]ଙ୍କର ଜନ୍ମ ୧୮୩୫ ମସିହାରେ ଭାରତ ବର୍ଷର ଏକ ନିରାଟ ମଫସଲ ଅଞ୍ଚଳ କାଦିୟାନରେ ହୋଇଥିଲା । ଆପଣ ବାଲ୍ୟକାଳରୁ ହିଁ ପ୍ରଭୁଙ୍କ ଉପାସନା ଓ ପବିତ୍ର କୁରଆନ ତଥା ଅନ୍ୟାନ୍ୟ ଧାର୍ମିକ ପୁସ୍ତକଗୁଡ଼ିକର ଅଧ୍ୟୟନରେ ବ୍ୟସ୍ତ ରହୁଥିଲେ । ସେହି ସମୟରେ ଶତ୍ରୁ ଇସଲାମ ଉପରେ ଚତୁର୍ପାର୍ଶ୍ୱରୁ ଆକ୍ରମଣ କରିଚାଲିଥିଲା । ଇସଲାମର ଏହି ଦୟନୀୟ ଅବସ୍ଥାକୁ ଦେଖି ଆପଣ ଭୀଷଣ କଷ୍ଟରେ ଗ୍ରସିତ ହେଉଥିଲେ । ଇସଲାମର ପ୍ରତିରକ୍ଷା ଓ ତାହାର ସୁନ୍ଦର ଶିକ୍ଷାକୁ ମୂଳ ଅବସ୍ଥାରେ ସଂସାରବାସୀଙ୍କ ନିକଟରେ ଉପସ୍ଥାପନ କରିବା ସକାଶେ ଆପଣ ୯୦ରୁ ଊର୍ଦ୍ଧ୍ୱ ପୁସ୍ତକ ଏବଂ ଶତ ସହସ୍ର ସଂଖ୍ୟକ ପତ୍ରିକା ରଚନା କରିଥିଲେ । ଏଥିସହିତ ଆପଣ ଏକାଧିକ ଧର୍ମତର୍କ ମଧ୍ୟ କରିଥିଲେ । ଆପଣ ବିଶ୍ୱବାସୀଙ୍କୁ ଏହି ଗୂଢ଼ ରହସ୍ୟର ସୂଚନା ଦେଲେ ଯେ ଇସଲାମ ହିଁ ଏକ ମାତ୍ର ଜୀବିତ ଧର୍ମ ଯେ ମନୁଷ୍ୟ ଓ ତାହାର ସୃଷ୍ଟିକର୍ତ୍ତା ସହିତ ସମ୍ପର୍କ ସ୍ଥାପନ କରାଇଥାଏ । ଇସଲାମର ପ୍ରଦତ୍ତ ସୁନ୍ଦର ଶିକ୍ଷାର ଅନୁକରଣ ଦ୍ୱାରା ହିଁ ମନୁଷ୍ୟ ବ୍ୟବହାରିକତା ଓ ଆଧାତ୍ମିକତାରେ ଉନ୍ନତି ଲାଭ କରି ପାରିଥାଏ ।

ବାଲ୍ୟକାଳରୁ ହିଁ ଆପଣ ସତ୍ୟସ୍ୱପ୍ନ, ଦିବ୍ୟଦର୍ଶନ ଓ ଐଶୀବାଣୀ ଦ୍ୱାରା ବିଭୂଷିତ ହୋଇଥିଲେ । ୧୮୮୯ ମସିହାରେ ଆପଣ ପରମେଶ୍ୱରଙ୍କ ଆଦେଶକ୍ରମେ ବୈଅତ ନେବାର କାର୍ଯ୍ୟକ୍ରମ ଆରମ୍ଭ କଲେ ଏବଂ ଏକ ପବିତ୍ର ଜମାଅତର ଭିତ୍ତି ସ୍ଥାପନ କରିଥିଲେ । ପ୍ରଭୁଙ୍କ ସହିତ ଆପଣଙ୍କର ବାର୍ତ୍ତାଳାପ ଦିନକୁ ଦିନ ବଢିଚାଲିଥିଲା ଏବଂ ଆପଣ ପରମେଶ୍ୱରଙ୍କ ଆଦେଶାନୁସାରେ ଏହି ଘୋଷଣା କଲେ ଯେ ଆପଣ ହିଁ ଅନ୍ତିମ ଯୁଗର ସେହି ସୁଧାରକ ଯାହାର ଭବିଷ୍ୟତବାଣୀ ପ୍ରତ୍ୟେକ ଧର୍ମରେ ଭିନ୍ନ ଭିନ୍ନ ନାମରେ ଉଲ୍ଲେଖ ରହିଛି ।

ଆପଣ ଏହି ଘୋଷଣା ମଧ୍ୟ କଲେ ଯେ ଆପଣ ହିଁ ସେହି ପ୍ରତିଶ୍ରୁତ ମସିହ ଓ ମେହଦୀ ଯାହାର ଭବିଷ୍ୟତବାଣୀ ଆମର ପ୍ରିୟ ମୁନୀବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କରିଥିଲେ । ଜମାଅତ ଅହେମଦିୟା ବର୍ତ୍ତମାନ ସୁଦ୍ଧା ୨୧୫ ଗୋଟିରୁ ଅଧିକ ଦେଶରେ ବେଶ ଦୃଢ଼ତାର ସହିତ ସ୍ଥାପିତ ହୋଇ ସାରିଛି ।

୧୯୦୮ ମସିହାର ଘଡ଼ିସନ୍ଧି ମୁହୂର୍ତ୍ତରେ ଯେତେବେଳେ ଆପଣଙ୍କର ନିଧନ ହେଲା, ସେଥି ପୂର୍ବରୁ ପବିତ୍ର କୁରଆନ ଓ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଆପଣଙ୍କ ଆଧାତ୍ମିକ ମିଶନ୍‌କୁ ଆଗେଇ ନେବା ପାଇଁ ଖିଲାଫତ୍‌ର ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଅତଃ ବର୍ତ୍ତମାନ ହଜରତ ମିର୍ଜା ମସରୁର୍ ଅହମଦ୍[ଅ.ବ.ଅ] ଆପଣଙ୍କର ପଞ୍ଚମ ଖଲିଫା ଓ ବିଶ୍ୱବ୍ୟାପି ଜମାଅତ ଅହେମଦିୟାର ଇମାମ ଅଟନ୍ତି ।

# ପ୍ରାକ୍‌କଥନ

ଏହି ପୁସ୍ତକ ଯୁଗାବତାର ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ ୧୯୦୨ ମସିହାରେ ମୁଦ୍ରିତ କରିଥିଲେ । ଯେତେବେଳେ ପଞ୍ଜାବରେ ପ୍ଲେଗ୍ ରୋଗ ବେଶ୍ ଦୃଢତାର ସହିତ ନିଜ କାୟା ବିସ୍ତାର କରି ବସିଥିଲା । ଏହି ପୁସ୍ତକରେ ପ୍ଲେଗ୍ ରୋଗ ସମ୍ବନ୍ଧିତ ସେହି ଐଶୀବାଣୀର ବର୍ଣ୍ଣନା ରହିଛି ଯେଉଁଥିରେ ପ୍ଲେଗ୍ ରୋଗ ସଂକ୍ରମଣ ହେବାର ଭବିଷ୍ୟତବାଣୀ ରହିଥିଲା । ଏଥିରେ ଏହା ମଧ୍ୟ ଦର୍ଶାଇ ଦିଆଯାଇଥିଲା, ଯେ ଏହି ମହାମାରୀର ପ୍ରାଦୁର୍ଭାବ ସଂସାରରେ ଏଥି ସକାଶେ ହେଲା କାରଣ ପ୍ରଭୁଙ୍କ ନିକଟରୁ ଆଗମନକାରୀ ପ୍ରତିଶୃତ ମସିହଙ୍କର ସଂସାରବାସୀ କେବଳ ଅସ୍ୱୀକାର କଲେ ନାହିଁ, ବରଂ ତାଙ୍କୁ ଅନେକ ଦୁଃଖ ଦିଆଗଲା, ଯୋଜନାବଦ୍ଧ ଭାବରେ ତାଙ୍କୁ ହତ୍ୟା କରିବାର ପ୍ରୟାସ କରାଗଲା । ତାଙ୍କ ନାମ ଅମାନ୍ୟକାରୀ ଓ ପ୍ରବଞ୍ଚକ ରଖାଗଲା । ପୂର୍ବ ଧର୍ମଶାସ୍ତ୍ରରେ ମଧ୍ୟ ଏହି ଭବିଷ୍ୟବାଣୀ ଉଲ୍ଲେଖ ରହିଛି ଯେ ପ୍ରତିଶୃତ ମସିହଙ୍କ କାଳରେ ଭୟଙ୍କର ପ୍ଲେଗ୍ ରୋଗ ପରିବ୍ୟାପ୍ତ ହେବ ଏବଂ ତାହାର ନିଶ୍ଚିତ ଉପଚାର ଏହି କି ଯେ ସେହି ମସିହଙ୍କୁ ନିର୍ମଳ ହୃଦୟର ସହ ସ୍ୱୀକାର କର ଏବଂ ନିଜ ଜୀବନରେ ଏକ ପବିତ୍ର ଆଧାତ୍ମିକ ପରିବର୍ତ୍ତନ ସୃଷ୍ଟି କର । ଅତଏବ ହଜରତ ମସିହ ମଉଦ[ଅ.ସ] ପ୍ରଭୁଙ୍କ ଐଶୀବାଣୀ ଆଧାରରେ ଘୋଷଣା କଲେ:

"ଯଦିଚ ପ୍ଲେଗ୍ ୭୦ବର୍ଷ କାଳ ସଂସାରରେ ନିଜର କାୟା ବିସ୍ତାର କରି ରହେ, ତଥାପି ପରମେଶ୍ୱର କାଦିୟାନକୁ ତାହାର ଭୟଙ୍କର ବିଭୀଷିକାରୁ ସୁରକ୍ଷିତ ରଖିବେ ।"

ଅହମଦିୟା ମୁସଲିମ ସଂପ୍ରଦାୟର ମହାମାନ୍ୟ ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ[ଅବ]ଙ୍କ ସଦୟ ଅନୁମତିକ୍ରମେ କେନ୍ଦ୍ରୀୟ ପ୍ରକାଶନ ଓ ପ୍ରସାରଣ ବିଭାଗ, ଭାରତଙ୍କ ସୌଜନ୍ୟରୁ ଏହି ପୁସ୍ତକର ଓଡ଼ିଆ ଅନୁବାଦ 'ବିପତ୍ତିର ନିବାରଣ' ନାମରେ ପ୍ରକାଶିତ କରାଯାଉଛି । ଏହାକୁ ମୌ. ଅନଓ୍ୱର ଅହମଦ ଖାନ୍ ଅନୁବାଦ କରିଛନ୍ତି । ତ୍ରୁଟି ସଂଶୋଧନ ଓ ପୁସ୍ତକ ସମୀକ୍ଷା ଇଂ. ରୌଶନ୍ ଖାନ୍ ସାହେବ ଅଧ୍ୟକ୍ଷ ରିଭିଉ କମିଟି ଓଡ଼ିଶାଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଈଶ୍ୱର ସେମାନଙ୍କୁ ତାହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଏହି ପୁସ୍ତକ ଓଡ଼ିଆ ଭାଷାର ପାଠକ ମହଲରେ ବିଶେଷ ଭାବରେ ଆଦୃତ ଲାଭ କରୁ ଏବଂ ସେମାନଙ୍କ ପାଇଁ ଅତ୍ୟନ୍ତ ଲାଭପ୍ରଦ ସାବ୍ୟସ୍ତ ହେଉ ।

ବିନୀତ

ହାଫିଜ୍ ମଖଦୁମ୍ ଶରିଫ୍
ନାଜିର୍ ନଶରୋ ଇଶାଅତ୍
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ବିଭାଗ କାଦିୟାନ୍

# ସତର୍କ ସୂଚନା

ଯେଉଁ ବାର୍ତ୍ତାକୁ ବର୍ତ୍ତମାନ ଆମେ ନିଜ ପ୍ରିୟ ଦେଶବାସୀଙ୍କ ନିକଟରେ ଏହି ପୁସ୍ତକ ମାଧ୍ୟମରେ ପହଞ୍ଚାଇବାକୁ ଚାହୁଁଛୁ, ସେଥି ସଂକ୍ରାନ୍ତରେ ଅବତାରମାନଙ୍କ ପୁରୁଣା ଅଭିଜ୍ଞତାରୁ ପ୍ରମାଣ ମିଳୁଛି ଯେ ବର୍ତ୍ତମାନ ଆମର ସହାନୁଭୂତି ଏହିପରି ପ୍ରକଟ କରିହେବ ଯେ ଆମେ ପୁନର୍ବାର ମୌଲବୀ, ଖ୍ରୀଷ୍ଟିୟାନ ପାଦ୍ରୀ ଓ ହିନ୍ଦୁ ପଣ୍ଡିତମାନଙ୍କ ଠାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଶୁଣି ତଥା ଭିନ୍ନ ଭିନ୍ନ ଅତ୍ୟାଚାର ସହ୍ୟ କରିବୁ । ଏବଂ ଏକଥା ଆମକୁ ଭଲଭାନ୍ତି ଜଣା ଯେ ଏହିପରି ହିଁ ହେବ । କିନ୍ତୁ ମାନବ ଜାତି ପ୍ରତି ସହାନୁଭୂତିକୁ ଆମେ ଏହି କଥାକୁ ଅଗ୍ରାଧିକାର ଦେଲୁ ଯେ ସାମାନ୍ୟ ଅପଭାଷା ଦ୍ୱାରା ଆମର ତିରସ୍କାର କରାଯିବ । ଏହାର ମଧ୍ୟ ଆଶଙ୍କା ରହିଛି ଯେ ସେହି ଶତ ସହସ୍ର ଗାଳିମନ୍ଦକାରୀଙ୍କ ମଧ୍ୟରୁ କେତେକ ଏଭଳି ବ୍ୟକ୍ତି ବାହାରିବେ ଯେତେବେଳେ ଆକାଶରୁ ଅଗ୍ନି ବର୍ଷଣ ହେବ ବରଂ ଆସନ୍ତା ଶୀତ (ଜାଡ଼)ରେ ତ ଆହୁରି ଅଧିକ ଅଗ୍ନିବର୍ଷା ହେବାର ଆଶଙ୍କା ରହିଛି । ତେଣୁ ଏହି ପତ୍ରିକାକୁ ଧ୍ୟାନ ପୂର୍ବକ ଅଧ୍ୟୟନ କର ଏବଂ ନିଜର ଏହି ଦୟାଳୁ ଉପଦେଷ୍ଟା ଉପରେ ଶୀଘ୍ର କ୍ରୋଧିତ ହୁଅ ନାହିଁ । ଯେଉଁ ପ୍ରତିକାର ସେ ନିର୍ଦ୍ଧାରଣ କରିଛି, ତାହାକୁ ପରଖି ନିଅନ୍ତୁ । କାରଣ ଏହି ସହାନୁଭୂତି ବଦଳରେ ତୁମଠାରୁ କୌଣସି ପାରିଶ୍ରମିକ କିମ୍ବା ପ୍ରତିଫଳ ଲୋଡ଼ାଯାଉ ନାହିଁ । କେବଳ ସ୍ୱଚ୍ଛ ଓ ନିର୍ମଳ ଉଦ୍ଦେଶ୍ୟ ମାଧ୍ୟମରେ ମାନବକୁ ମୁକ୍ତି ପ୍ରଦାନ କରିବା ପାଇଁ ଏକ ପରୀକ୍ଷିତ ତଥା ପବିତ୍ର ପ୍ରସ୍ତାବ ଉପସ୍ଥାପନ କରାଯାଇଛି । ସୁତରାଂ ଯେଉଁ ଅବସ୍ଥାରେ ଲୋକମାନେ ରୋଗର ଉପଚାର ନିମନ୍ତେ ପଶୁମାନଙ୍କ ମୁତ୍ର ପାନ କରିଥାନ୍ତି ଏବଂ ଅନେକ ବର୍ଜ୍ୟ ବସ୍ତୁ ସେବନ କରିନେଇଥାନ୍ତି । ତେବେ ଏପରି ଅବସ୍ଥାରେ ନିଜ ମୂଲ୍ୟବାନ ଜୀବନ ରକ୍ଷା କରିବାରେ ଏହି ପବିତ୍ର ଉପଚାରକୁ ଗ୍ରହଣ କରିବାରେ କେଉଁ କଥା ବାଧକ ସାଜୁଛି ଏବଂ ଯଦି ସେମାନେ ଏପରି କରନ୍ତି ନାହିଁ, ତେବେ ମଧ୍ୟ ସେମାନେ

ନିଶ୍ଚିତ ରୂପେ ଏହି ଅବଧି ମଧ୍ୟରେ ଜାଣିନେବେ ଯେ ଏହି ସମସ୍ତ ଧର୍ମ ମଧ୍ୟରେ କେଉଁ ଧର୍ମ ଏପରି ଅଛି ଯେ ସୁପାରିଶକର୍ତ୍ତା ସାଜି ମୁନଜ୍ଜୀ ଭଳି ମହାନ ଶବ୍ଦକୁ ଚରିତାର୍ଥ କରି ପାରିବ । ପ୍ରକୃତ ମୁକ୍ତିଦାତାଙ୍କୁ ପ୍ରତ୍ୟେକ ବ୍ୟକ୍ତି ଆଦରି ନେବାକୁ ଓ ପ୍ରେମ କରିବାକୁ ଚାହିଁଥାଏ । ଅତଏବ ନିଃସନ୍ଦେହରେ ବର୍ତ୍ତମାନ ସେହି ଦିନ ଆସିଯାଇଛି, ଯେ ଏହା ପ୍ରମାଣିତ ହୋଇଯିବ ଯେ କିଏ ପ୍ରକୃତ ମୁକ୍ତି ପ୍ରଦାନକାରୀ । ନିଶ୍ଚିତ ରୂପେ ଆମେ ହଜରତ ଯୀଶୁ ମସିହ [ଅ.ସ]ଙ୍କୁ ଜଣେ ସତ୍ୟବାଦୀ ମାନବ ରୂପେ ଜାଣିଛୁ ଯେ ନିଜ ଯୁଗର ଅଧିକାଂଶ ଲୋକଙ୍କ*

---

* **ପାଦଟୀକା-** ମନେରଖ ଆମେ ଯାହା କହିଲୁ ହଜରତ ଇସା[ଅ.ସ] ନିଜ ଯୁଗର ଅଧିକାଂଶ ଲୋକଙ୍କ ମଧ୍ୟରେ ସର୍ବୋତ୍ତମ ଥିଲେ । ଆମର ଏହି ବୟାନ କେବଳ ସକରାତ୍ମକ ଚିନ୍ତାଧାରା ଉପରେ ପର୍ଯ୍ୟବେସିତ । ନଚେତ୍ ଏହା କେବେ ସମ୍ଭବପର ହେବ ଯେ ହଜରତ ଇସାଙ୍କ ସମୟରେ ଭୂପୃଷ୍ଠରେ ଅନ୍ୟ କେତେକ ସତ୍ୟବାଦୀ ଓ ପ୍ରଭୁଙ୍କ ସାନିଧ୍ୟ ଲାଭକାରୀ ମନୁଷ୍ୟ ତାଙ୍କ ଠାରୁ ମଧ୍ୟ ଉତ୍ତମ ଓ ଉଚ୍ଚ ଆସନରେ ଥାଇପାରନ୍ତି । କାରଣ ଅଲ୍ଲାଃତାଲା ତାଙ୍କ ସମ୍ବନ୍ଧରେ ପବିତ୍ର କୁରଆନରେ କହିଛନ୍ତି;

وَجِيْهًا فِي الدُّنْيَا وَالْاٰخِرَةِ وَمِنَ الْمُقَرَّبِيْنَ

**ୱଜିହନ୍ ଫିଦ୍‌ଦୁନିଆ ୱଲ୍‌ଆଖିରତି ୱମିନଲ୍ ମୁକର୍‌ରବିନ୍** (ଆଲେ ଇମ୍ରାନ 3:46) ଅର୍ଥାତ ସେହି ଯୁଗର ସାନିଧ୍ୟ ପ୍ରାପ୍ତକାରୀଙ୍କ ମଧ୍ୟରୁ ସେ ମଧ୍ୟ ଜଣେ ଥିଲେ ।' ଏଥିରୁ ଏହା ପ୍ରମାଣିତ ହେଉ ନାହିଁ ଯେ ହଜରତ ଇସା[ଅ.ସ] ସେ ସମୟର ସମସ୍ତ ସମ୍ମାନିତ ବ୍ୟକ୍ତିମାନଙ୍କ ଠାରୁ ଶ୍ରେଷ୍ଠ ଥିଲେ । ବରଂ ଏହାର ସମ୍ଭବ୍ୟ ବିକଳ୍ପ ମଧ୍ୟ ବାହାରୁଛି ଯେ ତାଙ୍କ ସମୟରେ କେତେକ ଉତ୍ତମ ସାନିଧ୍ୟ ପ୍ରାପ୍ତକାରୀ ବ୍ୟକ୍ତି ମଧ୍ୟ ରହିଥିଲେ । ସୁତରାଂ ଏହା ସ୍ପଷ୍ଟ ହେଉଛି ଯେ ହଜରତ ଇସା କେବଳ ଇସ୍ରାଇଲ୍ ଜାତୀୟ ମେଷମାନଙ୍କ ପାଇଁ ଆବିର୍ଭୁତ ହୋଇଥିଲେ । ଅନ୍ୟ ସମ୍ପ୍ରଦାୟ ଓ ଦେଶ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା । ତେଣୁ ଏହା ଅନୁମେୟ ଯେ କେତେକ ଅବତାର ଯେ କି لَمْ نَقْصُصْ **ଲମ୍ ନକ୍‌ସୁସ୍** (ଅଲ୍ ମୋମିନ୍ 40:79)ର ଅନ୍ତର୍ଗତ ସେମାନେ ତାଙ୍କ ଠାରୁ ଉତ୍ତମ ଓ ଶ୍ରେଷ୍ଠ ହୋଇଥିବେ । ଯେପରିକି ହଜରତ ମୁସାଙ୍କ ମୁକାବିଲାରେ ଜଣେ ଅଣ୍ଟା ଭିଡ଼ି ବାହାରିଥିଲା, ଯାହାଙ୍କ ସମ୍ବନ୍ଧରେ ଅଲ୍ଲାଃ କହିଲେ;

عَلَّمْنٰهُ مِنْ لَّدُنَّا عِلْمًا **ଅଲ୍‌ଲମ୍‌ନାହୁ ମିଲ୍‌ଲଦୁନ୍ନା ଇଲ୍‌ମା** (ଅଲ୍ କହଫ୍ 18:66) ତେବେ ହଜରତ ଇସାଙ୍କ ସମ୍ବନ୍ଧରେ ଯେ କି ମୁସାଙ୍କ ଠାରୁ ନିମ୍ନ➔

ଠାରୁ ସର୍ବୋତ୍ତମ ଥିଲେ । **ଅଲ୍ଲାଃ ହିଁ ସର୍ବଜ୍ଞ** କିନ୍ତୁ ସେ ପ୍ରକୃତ ମୁକ୍ତିଦାତା ନଥିଲେ । ଏହା ତାଙ୍କ ଉପରେ ମିଥ୍ୟାରୋପ କରାଯାଇଛି ଯେ ସେ ପ୍ରକୃତ ଅର୍ଥାରେ ମୁକ୍ତିଦାତା ଥିଲେ । ବାସ୍ତବିକ ମୁକ୍ତିଦାତା ସର୍ବଦା ଓ ମହାପ୍ରଳୟ ଦିବସ ପର୍ଯ୍ୟନ୍ତ

---

← ସ୍ତରୀୟ ଓ ତାଙ୍କ ଶରିୟତ୍‌ର ଅନୁଗାମୀ ଥିଲେ ଏବଂ ସେ ନିଜେ କୌଣସି ସମ୍ପୂର୍ଣ୍ଣ ଶରିୟତ୍ ନେଇ ଆସି ନଥିଲେ ତଥା ଲିଙ୍ଗାଗ୍ରୀ ଛେଦନ (ଖତ୍‌ନା), ଧାର୍ମିକ ନ୍ୟାୟବିଚାର, ସମ୍ପତ୍ତି ବଣ୍ଟନ ଓ ଶୁକର (ମାଂସ ସଂକ୍ରାନ୍ତରେ) ନିଷେଧତା ଆଦି ମୁସାଙ୍କ ଶରିୟତ୍‌ରେ ଅନ୍ତର୍ଭୁକ୍ତ ଥିଲା, ତେବେ ଏହି ସ୍ଥିତିରେ କିପରି କୁହାଯାଇ ପାରେ ଯେ ସେହି ବ୍ୟକ୍ତି ନିଜ ସମୟର ସତ୍ୟବାଦୀଙ୍କ ମଧ୍ୟରେ ସର୍ବୋତ୍ତମ ଓ ଶ୍ରେୟସ୍କର ଥିଲେ । ଯେଉଁ ଲୋକମାନେ ତାଙ୍କୁ ନିଜର ଉପାସ୍ୟ ରୂପେ ଗ୍ରହଣ କଲେ ଓ ତାଙ୍କୁ ଅଯଥାଟାରେ ପରମେଶ୍ୱରଙ୍କ ସମତୁଲ କଲେ, ଯେପରିକି ଖ୍ରୀଷ୍ଟ ଧର୍ମୀ ଅଥବା ଯେଉଁମାନେ ଈଶ୍ୱରୀୟ ବିଶେଷତ୍ୱ (ତାଙ୍କୁ) ପ୍ରଦାନ କରିଛନ୍ତି । ଯେପରିକି ଆମ ବିରୋଧି ଓ ପ୍ରଭୁଙ୍କ ଅତିଷ୍ଟକାରୀ, ନାମକୁ ମାତ୍ର ମୁସଲମାନମାନେ ଯଦି ଅକାରଣେ ତାଙ୍କୁ ଉପରକୁ ଉଠାଇ ଆକାଶରେ ଚଢାଇ ଦିଅନ୍ତି ଅଥବା ଅରଶ୍ (ସିଂହାଶନ)ରେ ବସାଇ ଦିଅନ୍ତି ଏବଂ ଈଶ୍ୱରଙ୍କ ପରି ପକ୍ଷୀ ସୃଷ୍ଟି କରିବା ବିଷୟ ସ୍ୱୀକାର କରନ୍ତି ତେବେ ସେମାନଙ୍କର କ୍ଷମତା ରହିଛି । ମନୁଷ୍ୟ ଯେତେବେଳେ ଲଜ୍ଜା ଓ ନୈତିକତାକୁ ପାଶୋରିଦିଏ, ସେତେବେଳେ ସେ ଯାହା ଚାହେଁ କହିଥାଏ ଓ ଯାହା ଚାହେଁ କରିଥାଏ । କିନ୍ତୁ ଯୀଶୁ ମସିହଙ୍କ ସତ୍ ବିଶ୍ୱାସୀ ହେବା ତାଙ୍କ ସମୟ କାଳରେ ଅନ୍ୟ ସତ୍ ବିଶ୍ୱାସୀଙ୍କ ତୁଳନାରେ ଉର୍ଦ୍ଧ୍ୱରେ ଥିବାର ପ୍ରମାଣିତ ହେଉ ନାହିଁ । ବରଂ ୟହୟା ନବୀଙ୍କୁ ତାଙ୍କ ଉପରେ ଶ୍ରେଷ୍ଠତା ହାସଲ ହୋଇଥିଲା । କାରଣ ସେ ମଦ୍ୟପାନ କରୁ ନଥିଲେ ଏବଂ କଦାପି ଶୁଣାଯାଇ ନାହିଁ, ଯେ କୌଣସି ଅଭଦ୍ର ନାରୀ ସ୍ୱଉପାର୍ଜିତ ଧନରୁ ସୁଗନ୍ଧ କ୍ରୟ କରି ତାଙ୍କ ମୁଣ୍ଡରେ ବୋଳିଥିବ ଅଥବା ନିଜ ହସ୍ତ ଓ ନିଜ ମସ୍ତକର କେଶ ଦ୍ୱାରା ତାଙ୍କୁ ସ୍ପର୍ଶ କରିଥିବ । ଅଥବା କୌଣସି ଅପରିଚିତା ଲଗାମହୀନା ଯୁବତୀ ତାଙ୍କ ସେବା କରିଥିବ । ଏହି କାରଣରୁ ଐଶ୍ୱର୍ଯ୍ୟମୟ ପ୍ରଭୁ ପବିତ୍ର କୁରଆନରେ ୟହୟାଙ୍କ ନାମ ହସୁର୍ ରଖିଛନ୍ତି । ଅଥଚ ମସିହଙ୍କର ଏଭଳି ନାମକରଣ କରି ନାହାନ୍ତି । କାରଣ ଏଭଳି କାହାଣୀର ଏପରି ନାମକରଣ କରିବାରେ ତାଙ୍କୁ ବାଧା ଦେଇଥିଲା । ପୁନଶ୍ଚ ହଜରତ ଈସା[ଅ.ସ] ହଜରତ ୟହୟାଙ୍କ ହସ୍ତରେ ଯାହାଙ୍କୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ୟୁହନ୍ନା କହୁଥିଲେ । ଏବଂ ଯିଏ ପରେ ଏଲୟା ବୋଲାଇଲେ, ନିଜ ଅପକର୍ମ ଯୋଗୁଁ କ୍ଷମାଯାଚନା କରିଥିଲେ ଏବଂ ତାଙ୍କ ବିଶେଷ ଅନୁଚରମାନଙ୍କ ମଧ୍ୟରେ ସାମିଲ ହେଲେ । ଏହି ଘଟଣା ହଜରତ ୟହୟାଙ୍କ ମର୍ଯ୍ୟାଦା ଓ ପ୍ରତିଷ୍ଠାକୁ ଅତି ସ୍ପଷ୍ଟ →

ମୁକ୍ତିର ଫଳ ପ୍ରଦାନକାରୀ ସେ ହିଁ ଥିଲେ, ଯେ ପବିତ୍ର ମକ୍କା ସହରରେ ଜନ୍ମ ଗ୍ରହଣ କରିଥିଲେ । ଏବଂ ସମଗ୍ର ସଂସାରବାସୀ ଓ ସମସ୍ତ ଯୁଗର ଉଦ୍ଧାର ଓ ମୁକ୍ତି ପାଇଁ ଆସିଥିଲେ । **ବର୍ତ୍ତମାନ ମଧ୍ୟ ଆସିଛନ୍ତି କିନ୍ତୁ ଛାୟା ନବୀ ସ୍ୱରୂପ । ପରମେଶ୍ୱର ତାଙ୍କର କଲ୍ୟାଣ ଓ ସମୃଦ୍ଧି ଦ୍ୱାରା ସମଗ୍ର ଧରାପୃଷ୍ଠକୁ ଉପକୃତ କରାନ୍ତୁ । ଆମିନ୍ ।**

ବିନୀତ

**ମିର୍ଜା ଗୁଲାମ ଅହମଦ କାଦିୟାନୀ**

---

← ରୂପେ ପ୍ରତିପାଦିତ କରୁଅଛି । କାରଣ ଏହାର ମୁକାବିଲାରେ ଏହା ପ୍ରମାଣସିଦ୍ଧ ନୁହେଁ ଯେ ହଜରତ ୟହୟା କଦାପି କାହା ନିକଟରେ କ୍ଷମାଯାଚନା କରିଥିଲେ । ତେଣୁ ତାଙ୍କର ନିରୀହ ହେବା ସାର ହେଲା ।

ମୁସଲମାନମାନଙ୍କ ମଧ୍ୟରେ ଏହା ସୁପ୍ରସିଦ୍ଧ ଯେ ଈସା ଓ ତାଙ୍କ ମାତା ଶୈତାନର କବଳରୁ ସୁରକ୍ଷିତ ଥିଲେ । ଏହାର ଅର୍ଥ ଅଜ୍ଞ ଲୋକମାନେ ବୁଝିପାରି ନଥା'ନ୍ତି । ପ୍ରକୃତରେ ମନ୍ଦ ସ୍ୱଭାବର ୟହୁଦିମାନେ ହଜରତ ଈସା ଓ ତାଙ୍କ ମାତାଙ୍କ ଉପରେ ଲାଞ୍ଛନା ଲଗାଇଥିଲେ ଏବଂ ଉଭୟଙ୍କ ପ୍ରତି ଏହି ମିଥ୍ୟାରୋପ କରିଥିଲେ ଯେ ସେମାନେ ଶୈତାନୀ କାର୍ଯ୍ୟ କରିଛନ୍ତି । ତେଣୁ ଏହି ଅଭିଯୋଗର ରଦ୍ଦ କରିବା ଜରୁରୀ ଥିଲା । ଅତଏବ ଏହି ହଦିସ୍‌ର ଅର୍ଥ ଏହାଠାରୁ ଅଧିକ କିଛି ନୁହେଁ ଯେ ଏହି କୁତ୍ସିତ ଆରୋପ ଯାହା ହଜରତ ଈସା ଓ ତାଙ୍କ ମାତାଙ୍କ ଉପରେ ଲଗାଯାଉଛି, ତାହା ଠିକ୍ ନୁହେଁ । ବରଂ ଏହି ଅର୍ଥ କରାଯିବ ଯେ ସେମାନେ ଶୈତାନର କବଳରୁ ବହୁ ଦୂରରେ ଓ ପବିତ୍ରାତ୍ମାଧାରୀ ଥିଲେ । ଏଭଳି ଧରଣରେ ପବିତ୍ର ହେବା ଘଟଣା ଅନ୍ୟ କୌଣସି ନବୀଙ୍କୁ ସମ୍ମୁଖୀନ ହେବାକୁ ପଡ଼ି ନାହିଁ ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ
نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ

# ତାଊନ୍ (ପ୍ଲେଗ୍)

چو آمد از خدا طاعوں بہ بیں‌از چشم اکرا مش     تو خود ملعونی اے فاسق چراملعوں نہی نامش
زمانِ توبہ و وقتِ صلاح و ترک خبث است ایں     کسے کو بر بدی چسپد نہ بینم نیک انجامش

ଏହି ଭୟଙ୍କର ବ୍ୟାଧି ଯାହାକି ସମଗ୍ର ଦେଶରେ ବ୍ୟାପି ଚାଲିଛି, ଏଥି ସଂକ୍ରାନ୍ତରେ ଲୋକମାନଙ୍କର ଭିନ୍ନ ମତ ରହିଛି । ଡ଼ାକ୍ତରମାନଙ୍କ ଚିନ୍ତାଧାରା କେବଳ ଭୌତିକ ଉପାୟ ପର୍ଯ୍ୟନ୍ତ ସୀମିତ ଏବଂ ସେମାନେ ଏହି ବିଷୟ ଉପରେ ଜୋର ଦେଇଥାନ୍ତି ଯେ ଭୂପୃଷ୍ଠରେ କେବଳ ପ୍ରାକୃତିକ କାରଣବଶତଃ ଏଭଳି କୀଟାଣୁ ଜନ୍ମ ହୋଇଥାଆନ୍ତି, ଯାହାର ସର୍ବପ୍ରଥମେ ମୂଷା ଉପରେ କୁପ୍ରଭାବ ପଡ଼ିଥାଏ ।* ତା'ପରେ ମାନବଜାତି ମଧ୍ୟରେ ତାହା ନିଜ ବିନାଶର କରାଳ ରୂପ ବିସ୍ତାର କରିଥାଏ । ଏବଂ ଧାର୍ମିକ ଚିନ୍ତାଧାରା ସହିତ ଏହି ସଂକ୍ରମଣର କୌଣସି ସମ୍ପର୍କ ନାହିଁ । ବରଂ ଏହା ଆବଶ୍ୟକ ଯେ ନିଜ ଗୃହ ଓ ନାଳନର୍ଦ୍ଦମା ଆଦିକୁ ସମସ୍ତ ପ୍ରକାର ଅଳିଆ ଆବର୍ଜନାରୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଏବଂ ଫିନାଇଲ୍ ଆଦି ଦ୍ୱାରା ପବିତ୍ର କରନ୍ତୁ ଓ ଘରଗୁଡ଼ିକୁ ଅଗ୍ନିର ଉତ୍ତାପରେ ଗରମ ରଖିବା ସହିତ ଏପରି ବ୍ୟବସ୍ଥା କରନ୍ତୁ ଯେ ସେଥିରେ ବାୟୁ ଚଳାଚଳ ଓ ସୂର୍ଯ୍ୟାଲୋକ ପହଞ୍ଚି ପାରୁଥିବ । ଏବଂ କୌଣସି କୋଠା ଘରେ ଏତେ ଲୋକ ରୁହନ୍ତୁ ନାହିଁ ଯଦ୍ୱାରା ତାଙ୍କ ମୁଖର ଭାପ ଓ ମଳମୂତ୍ର ଆଦି ଦ୍ୱାରା ଅତ୍ୟଧିକ ମାତ୍ରାରେ ଜୀବାଣୁ ଉତ୍ପନ୍ନ ହୋଇଯିବେ । କୌଣସି ପଚାସଢ଼ା ଖାଦ୍ୟ ପଦାର୍ଥ ସେବନ କରନ୍ତୁ ନାହିଁ । ଏହାର ସବୁଠାରୁ ଉତ୍ତମ ଉପଚାର ହେଉଛି ପ୍ରତିଷେଧକ

* **ପାଦଟୀକା-** ଚିକିତ୍ସା ବିଜ୍ଞାନର ନିୟମାନୁଯାୟୀ ପ୍ଲେଗ୍ ରୋଗର ଚିହ୍ନଟ ପାଇଁ ଜରୁରୀ କି ଯେଉଁ ହତଭାଗ୍ୟ ଗ୍ରାମ ଅବା ସହରରେ ଅବା ତାହାର କୌଣସି ଭାଗରେ ଏହି ଭୟଙ୍କର ରୋଗ ଜାତ ହୁଏ, ସେଠାରେ ବହୁ ଦିନ ପୂର୍ବରୁ ମୂଷା ମରି ପଡ଼ି ରହିଥାନ୍ତି । ଅତଃ ଯଦି ଉଦାହରଣସ୍ୱରୂପ କେବଳ ଜ୍ୱର ଦ୍ୱାରା କୌଣସି ଗ୍ରାମରେ କିଛି ଲୋକ ମୃତ୍ୟୁବରଣ କରିବାର ଘଟଣା ସାମନାକୁ ଆସେ ଏବଂ ମୂଷା ମରୁଥିବାର ଦେଖା ନଯାନ୍ତି ତେବେ ତାହା ପ୍ଲେଗ୍ ନୁହେଁ ବରଂ ତାହା ଜ୍ୱରର କିସମ ମଧ୍ୟରୁ ଏକ ପ୍ରାଣଘାତକ କିସମ ଅଟେ ।

ଟୀକା ନିଅନ୍ତୁ । ଯଦି ଘରେ ମୃତ ମୂଷା ଦେଖିବାକୁ ମିଳନ୍ତି, ତେବେ ସେହି ଘରକୁ ଛାଡ଼ି ଅନ୍ୟତ୍ର ଚାଲିଯା'ନ୍ତୁ । ଉତ୍କୃଷ୍ଟ ପନ୍ଥା ହେଉଛି ମୁକ୍ତ ଆକାଶ ତଳେ ଅର୍ଥାତ ଖୋଲା ପଡ଼ିଆରେ ରୁହନ୍ତୁ ଏବଂ ଅପରିଷ୍କାର ବସ୍ତ୍ର ପରିଧାନ କରିବାରୁ ନିବୃତ୍ତ ରୁହନ୍ତୁ । ଯଦି ଜଣେ ବ୍ୟକ୍ତି କୌଣସି ସଂକ୍ରମିତ କିମ୍ବା ରୋଗ ପ୍ରଭାବିତ ଅଟ୍ଟାଳିକାରୁ ତାଙ୍କ ସହର କିମ୍ବା ଗ୍ରାମକୁ ଆସେ, ତେବେ ତାହାକୁ ନିଜ ଅଞ୍ଚଳରେ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ । ଏବଂ ଯଦି ଏଭଳି କୌଣସି ସହର ଅବା ଗ୍ରାମ ସଂକ୍ରମିତ ରୋଗୀ ଦ୍ୱାରା ପ୍ରଭାବିତ ହୋଇଯାଏ, ତେବେ ତାହାକୁ ବାହାରକୁ କାଢି ଦିଅନ୍ତୁ ଏବଂ ତାହା ସହିତ ମିଳାମିଶା କରିବାରୁ ଦୂରେଇ ରୁହନ୍ତୁ । ଅତଃ ସେମାନଙ୍କ ନିକଟରେ ପ୍ଲେଗ୍ ରୋଗର ନିରାକରଣ କେବଳ ଏତିକି ମାତ୍ର ଉପଲବ୍ଧି ରହିଛି । ଏହା ତ ବିଦ୍ୱାନ ଡ଼ାକ୍ତର ଓ ଚିକିତ୍ସାବିତ୍‌ମାନଙ୍କ ମତାମତ । କିନ୍ତୁ ଯାହାକୁ ନା ଆମେ କେବେ ଯଥେଷ୍ଟ ଓ ସ୍ଥାୟୀ ନିରାକରଣ ମନେ କରୁଛୁ ନା କେବଳ ତାହାକୁ ଏକ ନିରର୍ଥକ ଉପାୟ ବୋଲି ବୁଝୁଛୁ । ଆମେ ଏହାକୁ ଯଥେଷ୍ଟ ଓ ସ୍ଥାୟୀ ନିରାକରଣ ବୋଲି ଏଥିପାଇଁ ଭାବୁ ନାହୁଁ ଯେ ପୂର୍ବର ଅଭିଜ୍ଞତା କହୁଛି ଯେ କେତେକ ଲୋକ ବାହାରକୁ ବାହାରିବା ଯୋଗୁଁ ମୃତ୍ୟୁର ଶିକାର ହେଲେ ତ ଅନ୍ୟ କେତେକ ସ୍ୱଛତା ରକ୍ଷା କରିବା ସତ୍ତ୍ୱେ, ଏହି ଇହଧାମରୁ ବାହୁଡ଼ିଗଲେ । ଅବଶିଷ୍ଟ କେତେକ ବେଶ୍ ଆଶା ରଖି ଟୀକା ନେଲେ, ତଥାପି କବର ଭିତରେ ଯାଇ ପଡ଼ିଲେ । ସୁତରାଂ କିଏ କହିପାରିବ ଅଥବା କିଏ ଆମକୁ ଆଶ୍ୱାସନା ଦେଇପାରିବ ଯେ ଏସମସ୍ତ ଯୋଜନା ସେହି ରୋଗର ଉପଚାର ପାଇଁ ଯଥେଷ୍ଟ । ବରଂ ଏହା ସ୍ୱୀକାର କରିବାକୁ ପଡ଼ିଥାଏ ଯେ ଯଦିବା ଏ ସମସ୍ତ ପନ୍ଥା ଅବଲମ୍ବନ କରିବା କେତେ ଦୂର ଉପକାର ପହଞ୍ଚାଇବ । ମାତ୍ର ଏହା ସେପରି ସମୁଚିତ ଉପାୟ ଓ କାର୍ଯ୍ୟକ୍ଷମ ଯୋଜନା ନୁହେଁ ଯାହାକି ସମଗ୍ର ଦେଶରୁ ପ୍ଲେଗ୍ ରୋଗକୁ ଦୂର କରିବାରେ ପୂର୍ଣ୍ଣ ସଫଳତା ଲାଭ କରିପାରିବ ।

ଏହି ପ୍ରକାର ଏହି ଯୋଜନାକୁ କେବଳ ଆମେ ବିଫଳ ବୋଲି ମଧ୍ୟ କହିବା ନାହିଁ । ଯେଉଁ ସ୍ଥାନରେ ପ୍ରଭୁଙ୍କ ଇଚ୍ଛା କାର୍ଯ୍ୟକାରୀ ହେଲା, ସେଠାରେ ତାହାର ଉପକାର ମଧ୍ୟ ଅନୁଭୂତ ହେଉଛି । କିନ୍ତୁ ସେହି ଉପକାର କିଛି ଅଧିକ ପ୍ରଶଂସନୀୟ ନୁହେଁ । ଉଦାହରଣତଃ ଯଦି ଶହେ ଜଣ ବ୍ୟକ୍ତି ଟୀକା ଲଗାଇଛନ୍ତି ଏବଂ ଅନ୍ୟ ପଟେ ସେତିକି ଜଣ ଟୀକା ନଲଗାନ୍ତି, ତେବେ ଯେଉଁ ବ୍ୟକ୍ତିମାନେ ଟୀକା ଲଗାଇ ନଥିବେ

ସେମାନଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା ବଢିଯିବ । କିନ୍ତୁ ଟୀକା ଲଗାଇଥିବା ଲୋକମାନଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା କମ୍ ହେବ । କିନ୍ତୁ ଯେହେତୁ ଟୀକାର ପ୍ରଭାବ ଅଧିକରୁ ଅଧିକ ଦୁଇରୁ ତିନି ମାସ ପର୍ଯ୍ୟନ୍ତ ରହିଥାଏ, ତେଣୁ ଟୀକା ଦେଇଥିବା ବ୍ୟକ୍ତି ମଧ୍ୟ ବାରମ୍ବାର ବିପଦର ଆଶଙ୍କା ଘେରରେ ରହିଥାଏ, ଏପରିକି ଯେପର୍ଯ୍ୟନ୍ତ ସେ ଏହି ଇହଧାମରୁ ବାହୁଡ଼ିଯାଇ ନାହିଁ । କେବଳ ଫରକ ଏତିକି ଯେ ଯେଉଁ ଲୋକମାନେ ଟୀକା ଲଗାଇ ନଥାନ୍ତି, ସେମାନେ ଏଭଳି ଦୁବିଧାର ଜାହାଜ ଉପରେ ଆରୋହଣ କରିଛନ୍ତି ଯେ ୨୪ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ମୃତ୍ୟୁ ଗୃହ ମଧ୍ୟରେ ପହଞ୍ଚାଇ ଦେଇ ପାରିବ । ଏବଂ ଯେଉଁ ବ୍ୟକ୍ତିମାନେ ଟୀକା ଲଗାଉଛନ୍ତି, ସେମାନେ ଏଭଳି ଧିରେ ଧିରେ କଚ୍ଛପ ଗତିରେ ଚାଲୁଛନ୍ତି, ସତେ ଯେପରି ୨୪ଦିନରେ ତାଙ୍କୁ ସେହି ସ୍ଥାନରେ ପହଞ୍ଚାଇ ଦେବ । ତେବେ ସେ ଯାହା ହେଉ ଏହିପରି ବିଭିନ୍ନ ମାର୍ଗକୁ ଚିକିତ୍ସାବିତ୍‌ମାନେ ଗ୍ରହଣ କରିଛନ୍ତି । କିନ୍ତୁ ଏସବୁ ପଦ୍ଧତି ସଂପୂର୍ଣ୍ଣ ସାନ୍ତ୍ୱନା ମୂଳକ ଓ ଯଥେଷ୍ଟ ନୁହେଁ, ସେହିପରି ଭିତ୍ତିହୀନ ଓ ନିରର୍ଥକ ମଧ୍ୟ ନୁହେଁ । ଯେହେତୁ ପ୍ଲେଗ୍ ଶୀଘ୍ର ଶୀଘ୍ର ନିଜର କାୟା ବିସ୍ତାର କରିଚାଲିଛି ତେଣୁ ମାନବଜାତି ସହିତ ସହାନୁଭୂତି ଏଥିରେ ରହିଛି ଯେ ଅନ୍ୟ କୌଣସି ଉପାୟ ଅବଲମ୍ବନ କରାଯିବା ପାଇଁ ଚିନ୍ତା କରାଯାଉ, ଯାହାକି ଏହି ମହାମାରୀରୁ ରକ୍ଷା କରାଇ ପାରିବ ।

ମୁସଲମାନମାନେ ଯେପରିକି ମିଆଁ ଶମସୁଦ୍ଦିନ ସେକ୍ରେଟାରୀ ଅଞ୍ଜୁମନ ହିମାୟତେ ଇସଲାମ ଲାହୋରର ବିଜ୍ଞାପନରୁ ବୁଝାପଡୁଛି, ସେ ଚଳିତ ମାସ ଅର୍ଥାତ ୧୯୦୨ ମସିହା ଅପ୍ରେଲ ମାସରେ ଏହି କଥା ଉପରେ ଗୁରୁତ୍ୱ ଦେଇଥିଲେ ଯେ ସମସ୍ତ ମୁସଲମାନ ଗୋଷ୍ଠୀ ଯେପରି ଶିଆ ସୁନ୍ନୀ ମତବାଦୀ ଓ **ଗୈରମୁକଲ୍ଲଦ** (ଅଣମତବାଦୀ) ଗୋଷ୍ଠୀ କର୍ମକ୍ଷେତ୍ରରେ ଯାଇ ନିଜ ନିଜ ଧାର୍ମିକ ପରମ୍ପରା ଅନୁଯାୟୀ ପ୍ରାର୍ଥନା କରନ୍ତୁ ଏବଂ ଗୋଟିଏ ତାରିଖରେ ସମସ୍ତେ ଏକତ୍ରିତ ହୋଇ ନମାଜ ପାଠ କରନ୍ତୁ । ତେବେ ଏହା ଏକମାତ୍ର ଅନୁକରଣୀୟ ପନ୍ଥା ହେବ, ଯଦ୍ୱାରା ପ୍ଲେଗ୍ ଦୂର ହୋଇଯିବ । କିନ୍ତୁ ସେମାନେ ଏକତ୍ରୀତ କିପରି ହେବେ, ତାହାର କୌଣସି ଉପାୟ ସ୍ଥିର କରାଯାଇ ନାହିଁ । ତେଣୁ ୱହାବି ଗୋଷ୍ଠୀଙ୍କ ମତାନୁସାରେ ଫାତିହା ଖାନୀ ବ୍ୟତୀତ ନମାଜ କେବେ ନିର୍ଭୁଲ ଓ ଯଥାର୍ଥ ନୁହେଁ । ଏପରି ଅବସ୍ଥାରେ ସେମାନଙ୍କ ସହିତ ହନଫିମାନଙ୍କର ନମାଜ କିପରି ହୋଇପାରିବ ? କ'ଣ ସେମାନଙ୍କ ମଧ୍ୟରେ

ବିଭ୍ରାଟ ସୃଷ୍ଟି ହେବ ନାହିଁ? ଏତତ୍ ବ୍ୟତୀତ ସେହି ବିଜ୍ଞାପନ ଲେଖିଥିବା ବ୍ୟକ୍ତି ଜଣକ ପ୍ରକାଶ କଲେ ନାହିଁ ଯେ ହିନ୍ଦୁ ବ୍ୟକ୍ତି ଏହି ରୋଗର ଦୂରୀକରଣ ସକାଶେ କ'ଣ କରିବ । କ'ଣ ତାଙ୍କ ପାଇଁ ଅନୁମତି ରହିଛି କି ନାହିଁ ଯେ ସେମାନେ ନିଜ ଇଷ୍ଟ ଦେବତା (ପ୍ରତୀମା) ଠାରୁ ସାହାଯ୍ୟ ଭିକ୍ଷା କରିପାରିବେ ? ପୁନଶ୍ଚ ଖ୍ରୀଷ୍ଟଧର୍ମାବଲମ୍ବୀ କେଉଁ ପନ୍ଥା ଅବଲମ୍ବନ କରିବେ ? କେଉଁ ଗୋଷ୍ଠୀ ହଜରତ ହୁସେନ ବା ହଜରତ ଅଲୀ [ର.ଅ]ଙ୍କୁ ଆବଶ୍ୟକତା ପୂରଣକାରୀ ତଥା କାମନା ସିଦ୍ଧି ପାଇଁ ମନେ କରୁଛନ୍ତି ଏବଂ ମୁହରମ୍‌ରେ* ତାଯିୟାର ଶୋଭା ଯାତ୍ରା ବାହର କରି ସହସ୍ର ନିବେଦନ ପୂର୍ବକ ନିଜର ମନସ୍କାମନା ପୂରଣ ନିମନ୍ତେ ଗୁହାରୀ କରିଥାନ୍ତି । ଅବା ଯେଉଁ ମୁସଲମାନ ସୟଦ ଅବ୍ଦୁଲ କାଦିର ଜିଲାନୀଙ୍କର ପୂଜା କରିଥାନ୍ତି ଅବା ଯେଉଁମାନେ ଶାହ ମଦାର ଅଥବା ମହାନ ଦାନୀଙ୍କର ଉପାସନା କରିଥାନ୍ତି, ସେମାନେ ସମସ୍ତେ କ'ଣ କରିବେ । କ'ଣ ବର୍ତ୍ତମାନ ଏହିସବୁ ଗୋଷ୍ଠୀ ଦୁଆ କରୁନାହାନ୍ତି, ବରଂ ଏବେ ତ ପ୍ରତ୍ୟେକ ଗୋଷ୍ଠୀ ଭୟଭୀତ ହୋଇ ନିଜ ନିଜର ଉପାସ୍ୟମାନଙ୍କୁ ଡ଼ାକୁଛନ୍ତି । ଶିଆମାନଙ୍କ ସାଇ ବସ୍ତିରେ ଓ ଗଳିକନ୍ଦିରେ ବୁଲି ଆସନ୍ତୁ, ଯେଉଁଠାରେ ଏପରି କୌଣସି ଘର ନାହିଁ, ଯାହାର ଦ୍ୱାର ସାମନାରେ ଏହି କବିତା ଲେଖା ନଥିବ;

لِیْ خَمْسَۃٌ اُطْفِیْ بِہَا حَرَّ الْوَبَاءِ الْحَاطِمَہ

اَلْمُصْطَفٰی وَالْمُرْتَضٰی وَ ابْنَاھُمَا وَالْفَاطِمَہ

**ଲିଖମ୍‌ସତୁନ୍ ଉତ୍‌ଫିବିହା ହର୍‌ରଲ୍ ଓବାଇଲ୍ ହାତିମାହ୍**

---

* ପାଦଟୀକା– ଏହି ମୁହରମ୍‌ର ମାସ ହେଉଛି ଅତି ପବିତ୍ର ମାସ । ତିରମିଜିରେ ଏହାର ଶ୍ରେଷ୍ଠତା ସମ୍ବନ୍ଧରେ ହଜୁର [ସ.ଅ]ଙ୍କର ଏହି ହଦିସ ଲିଖିତ ରହିଛି–

فیہ یوم تاب اللہ فیہ علیٰ قومٍ ویتوب فیہ علیٰ قومٍ اٰخرین

**ଫିହା ୟୋମ୍ ତାବ୍‌ଲ୍ଲାହୁ ଫିହି ଅଲା କୌମିନ୍ ଓ ୟତୁବ୍ ଫିହି ଅଲା କୌମିନ୍ ଆଖରିନ୍** ଅର୍ଥାତ ମୁହରମ୍‌ରେ ଗୋଟିଏ ଏପରି ଦିନ ରହିଛି ଯେଉଁଦିନ ପରମେଶ୍ୱର ପୂର୍ବ ଜାତିକୁ ବିପତ୍ତିରୁ ରକ୍ଷା କରିଥିଲେ ଏବଂ ଏହା ମଧ୍ୟ ଧାର୍ଯ୍ୟ ଥିଲା କି ସେହିପରି ଉକ୍ତ ମାସରେ ଆଉ ଏକ ଗୋଷ୍ଠୀକୁ ଏକ ବିପତ୍ତିରୁ ମୁକ୍ତି ମିଳିବ । କଣ ଅସମ୍ଭବ ଯେ ସେହି ବିପତ୍ତିର ଅଭିପ୍ରାୟ ପ୍ଲେଗ୍ ଅଟେ ଏବଂ ପ୍ରଭୁଙ୍କ ନିର୍ଦ୍ଦେଶିତଙ୍କ ଆଜ୍ଞାପାଳନ କରିବା ଦ୍ୱାରା ସେହି (ବିପତ୍ତି) ଦେଶରୁ ହିଁ ଦୂର ହୋଇଯିବ ।

## ଅଲ୍‌ମୁସ୍ତଫା ଓ୍ୱଲ୍‌ମୁରତଜା ଓ୍ୱବ୍‌ନାହୁମା ଓ୍ୱଲ୍‌ଫାତିମା

ମୋର ପୂଜ୍ୟ ଗୁରୁ ଶିଆ ଥିଲେ । ତାଙ୍କ କହିବା କଥା ଥିଲା ଯେ ରୋଗ ସଂକ୍ରମଣର ଚିକିତ୍ସା ହେଉଛି, କେବଳ **ତଓ୍ୱଲ୍ଲା** ଓ **ତବର୍‌ରା** । ଅର୍ଥାତ ଅହ୍‌ଲେ ବୈଅତ୍ (ହଜୁର ସ.ଅଙ୍କ ବଂଶଧରମାନଙ୍କ) ସହିତ ପ୍ରେମକୁ ଉପାସନାର କରିବା ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦେବା ଏବଂ ସାହାବା (ଅନୁଚର)ମାନଙ୍କୁ ଗାଳିଗୁଲଜ କରିବା । ଏହାଠାରୁ ବଳି ଉତ୍ତମ ପନ୍ଥା ଅନ୍ୟ କିଛି ନାହିଁ । ମୁଁ ଶୁଣିଛି ଯେ ମୁମ୍ବାଇରେ ଯେତେବେଳେ ପ୍ଲେଗ୍ ଆରମ୍ଭ ହେଲା, ସେତେବେଳେ ଲୋକମାନଙ୍କ ମନରେ ଏହି ଭାବ ଜାତ ହୋଇଥିଲା ଯେ ଏହା ଇମାମ ହୁସେନ୍‌ଙ୍କ ଚମତ୍କାରୀତା । କାରଣ ଯେଉଁ ହିନ୍ଦୁମାନେ ଶିଆମାନଙ୍କ ସହିତ ବିବାଦ କଲେ, ସେମାନେ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇଗଲେ । ପୁନଶ୍ଚ ଯେତେବେଳେ ସେହି ରୋଗ ଶିଆମାନଙ୍କ ମଧ୍ୟରେ ପାଦ ଜମାଇ ଥିଲା, ସେତେବେଳେ 'ୟା ହୁସୈନ'ର ସ୍ଲୋଗାନ ଶୁଣାଯିବା କମ୍ ହୋଇଗଲା ।

ଏସବୁ ମୁସଲମାନମାନଙ୍କ ଚିନ୍ତାଧାରା ଯାହାକି ପ୍ଲେଗ୍ ଦୂର କରିବା ପାଇଁ ସ୍ଥିର କରାଯାଇଛି ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କର ବିଚାରଧାରା ପରିପ୍ରକାଶ ପାଇଁ ବର୍ତ୍ତମାନ ଏକ ବିଜ୍ଞାପନ ପାଦ୍ରୀ ଓ୍ୱାଇଟ୍ ବ୍ରେଖତ୍ ସାହେବ ଏବଂ ତାଙ୍କ ସଂସ୍ଥା ତରଫରୁ ବାହାରିଛି । ତାହା ହେଉଛି ପ୍ଲେଗ୍ ରୋଗକୁ ଦୂର କରିବା ପାଇଁ କୌଣସି ଯୋଜନା ଯଥେଷ୍ଟ ନୁହେଁ । ଏତତ୍ ବ୍ୟତୀରେକେ ହଜରତ ମସିହ ଅ.ସଙ୍କୁ ନିଜର ଈଶ୍ୱର ରୂପେ ଗ୍ରହଣ କରି ତାଙ୍କ 'କଫାରା' (ମୋକ୍ଷବାଦ) ଉପରେ ବିଶ୍ୱାସ ଆଣିବ ।

ଏବଂ ହିନ୍ଦୁମାନଙ୍କ ମଧ୍ୟରେ ଆର୍ଯ୍ୟ ଧର୍ମାବଲମ୍ବୀମାନେ ଗଳା ଫଟାଇ ଚିତ୍କାର କରି କହୁଛନ୍ତି ଯେ ଏହି ପ୍ଲେଗ୍ ରୋଗ ବେଦକୁ ଉପେକ୍ଷା କରିବା ଯୋଗୁଁ ଆସିଅଛି । ତେଣୁ ସମସ୍ତ ସମ୍ପ୍ରଦାୟ ପକ୍ଷେ ଆବଶ୍ୟକ ହେଉଛି ଯେ ବେଦ'ର ସତ୍ୟ ବିଦ୍ୟା ଅର୍ଥାତ ବେଦବଚନ ଉପରେ ବିଶ୍ୱାସ ସ୍ଥାପନ କରନ୍ତୁ ଏବଂ ସମସ୍ତ ଅବତାରମାନଙ୍କୁ **ନଉଜୁବିଲ୍ଲାଃ** (ଅଲ୍ଲାଃଙ୍କ ଶରଣ) ମିଥ୍ୟାବାଦୀ ସ୍ୱୀକାର କରନ୍ତୁ, ତେବେ ଯାଇ ଏହି ଭୟଙ୍କର ପ୍ଲେଗ୍ ରୋଗ ଦୂର ହେବ ।

ହିନ୍ଦୁମାନଙ୍କ ମଧ୍ୟରେ ସନାତନ ଧର୍ମାବଲମ୍ବୀମାନେ ଏହି ପ୍ଲେଗ୍ ରୋଗର ଦୂରୀକରଣ ପ୍ରସଙ୍ଗରେ ମତ ଦିଅନ୍ତି ଯେ ଯଦି ଆମେ 'ଅଖ୍‌ବାରେ ଆମ୍' ସମ୍ବାଦପତ୍ର

ଅଧ୍ୟୟନ କରି ନଥା'ନ୍ତୁ ତେବେ ସମ୍ଭବତଃ ଏହି ଅବାନ୍ତର ମନ୍ତବ୍ୟ ପ୍ରତି ଅଗୋଚର ହୋଇ ରହିଥାନ୍ତୁ, ଯେ ପ୍ଲେଗ୍‌ର ଏହି ବିପତ୍ତି ଗାଈ ଯୋଗୁଁ ଆସିଛି । ଯଦି ଆମ ଦେଶରେ ପ୍ରଶାସନ ଏହି ନିୟମ ପ୍ରଣୟନ କରିଦିଅନ୍ତି ଯେ ଆମ ଦେଶରେ ଗୋ'ହତ୍ୟା କଦାପି ଏବଂ କୌଣସି ମତେ ହେବ ନାହିଁ, ତେବେ ଦେଖିବେ କିଭଳି ଏହି ମହାମାରୀ ଉଭାନ ହୋଇଯିବ । ଏପରିକି ସେହି ଖବରକାଗଜର ଗୋଟିଏ ସ୍ଥାନରେ ଏହା ମଧ୍ୟ ଲେଖାଥିଲା ଯେ ଜଣେ ବ୍ୟକ୍ତି ଗାଈକୁ କହୁଥିବାର ଶୁଣିବାକୁ ପାଇଲା ଯେ ମୋ ଯୋଗୁଁ ହିଁ ଏହି ଦେଶରେ ପ୍ଲେଗ୍ ମହାମାରୀର ପ୍ରାଦୁର୍ଭାବ ବୃଦ୍ଧି ପାଇଛି ।

ବର୍ତ୍ତମାନ ହେ ପାଠକଗଣ ! ଏହିଥିରୁ ଚିନ୍ତା କରିନିଅନ୍ତୁ ଯେ ଏତାଦୃଶ୍ୟ ବିଭିନ୍ନ ପ୍ରକାର ମନ୍ତବ୍ୟ ଓ ଘୋଷଣା ପରେ କେଉଁ କଥନକୁ ସଂସାରବାସୀଙ୍କ ସମ୍ମୁଖରେ ସ୍ପଷ୍ଟ, ଶିରୋଧାର୍ଯ୍ୟ ଓ ବ୍ୟାପକ ରୂପେ ଲାଭ ପହଞ୍ଚାଇ ଥିବାର ବିବେଚନା କରାଯାଇ ପାରିବ । ଏହି ସମସ୍ତ ଆସ୍ଥାଗତ ବିଷୟ ଏପରି ସମ୍ବେଦନଶୀଳ, ସୂକ୍ଷ୍ମ ଓ ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଯେପର୍ଯ୍ୟନ୍ତ ସଂସାରବାସୀ ଏହି ବିଶ୍ୱାସ ପ୍ରତି ନିଷ୍ପତ୍ତି ଗ୍ରହଣ କରିବେ, ତାହା ପୂର୍ବରୁ ହିଁ ଏହି ଭବ ସଂସାରର ନିଷ୍ପତ୍ତି ହୋଇଯାଇଥିବ । ଏଥିପାଇଁ ସେହି ଉକ୍ତି ସ୍ୱୀକାରଯୋଗ୍ୟ ହୋଇ ଶୀଘ୍ର ବୁଝାପଡ଼ିଥାଏ, ଯାହା ନିଜ ଭିତରେ ପ୍ରମାଣ ରଖିଥାଏ । ସୁତରାଂ ମୁଁ ସେହି କଥନ ପ୍ରମାଣ ସହିତ ଉପସ୍ଥାପନ କରୁଅଛି । ଚାରି ବର୍ଷ ପୂର୍ବେ ମୁଁ ଏକ ଭବିଷ୍ୟତ ବାଣୀ ପ୍ରକାଶ କରିଥିଲି, ଯେ ପଞ୍ଜାବରେ ଭୀଷଣ ପ୍ଲେଗ୍ ରୋଗ ବ୍ୟାପିବ ଏବଂ ମୁଁ ଏହି ଦେଶରେ ପ୍ଲେଗ୍‌ର କୃଷ୍ଣ ବର୍ଣ୍ଣ ଲତା ଦେଖିଅଛି, ଯାହାକି ପ୍ରତ୍ୟେକ ସହର ଓ ଗ୍ରାମରେ ରୋପଣ କରାଯାଇଛି । ଯଦି ଲୋକମାନେ କ୍ଷମା ଯାଚନା କରନ୍ତି, ତେବେ ଏହି ମହାମାରୀ ଦୁଇଟି ଶୀତ (ଋତୁ)ରୁ ଆଗକୁ ବଢ଼ିପାରିବ ନାହିଁ । ବରଂ ପରମେଶ୍ୱର ତାହାର ମୂଳୋତ୍ପାଟନ କରିଦେବେ । କିନ୍ତୁ କ୍ଷମା ପ୍ରାର୍ଥନା କରିବା ପରିବର୍ତ୍ତେ ମୋତେ ଗାଳିଗୁଲଜ କରାଗଲା ଏବଂ ଅସଭ୍ୟ ଭାଷାରେ ପତ୍ରିକା ପ୍ରକାଶିତ କରାଗଲା, ଯାହାର ପରିଣାମ ଆଜି ଆପଣମାନେ ସ୍ୱଚକ୍ଷୁରେ ଅବଲୋକନ କରୁଛନ୍ତି । ପ୍ରଭୁଙ୍କ ସେହି ପବିତ୍ର ଐଶୀବାଣୀ ଯାହାକି ମୋ ଉପରେ ଅବତୀର୍ଣ୍ଣ ହୋଇଥିଲା, ତାହାର ଶବ୍ଦ ଏପରି ଥିଲା;

إِنَّ اللّٰهَ لَا يُغَيِّرُ مَا بِقَوْمٍ حَتّٰى يُغَيِّرُوْا مَا بِأَنْفُسِهِمْ إِنَّهٗ اٰوَى الْقَرْيَةَ

**ଇନ୍ନଲ୍ଲାହା ଲାୟୁଗୈୟରୁ ମାବିକୌମିନ୍ ହତ୍ତା ୟୁଗୈୟରୁ**

**ମାବିଅନ୍‌ଫୁସିହିମ୍ ଇନ୍ନହୁ ଆୱଲ୍ କର୍‌ୟାଃ** ଅର୍ଥାତ ଈଶ୍ୱର ଏହାର ସଂକଳ୍ପ କରିଛନ୍ତି ଯେ ଏହି ଦୈବି ବିପତ୍ତିକୁ କଦାପି ଦୂର କରିବେ ନାହିଁ, ଯେପର୍ଯ୍ୟନ୍ତ ଲୋକମାନେ ସେହି ଚିନ୍ତାଧାରାକୁ ଦୂର କରିନାହାନ୍ତି, ଯାହା ସେମାନଙ୍କ ହୃଦୟରେ ରହିଛି । ସାରମର୍ମ ହେଉଛି, ଯେପର୍ଯ୍ୟନ୍ତ ଯୁଗାବତାର ଏବଂ ଈଶ୍ୱର ପ୍ରେରିତ ଦୂତଙ୍କୁ ସ୍ୱୀକାର କରାଯାଇ ନାହିଁ, ସେପର୍ଯ୍ୟନ୍ତ ପ୍ଲେଗ୍ ଦୂର ହେବ ନାହିଁ ଏବଂ ସେହି ପରାକ୍ରମୀ ପ୍ରଭୁ କାଦିୟାନକୁ ପ୍ଲେଗ୍ ରୋଗର କରାଳ ବିଭୀଷିକାରୁ* ସୁରକ୍ଷିତ ରଖିବେ, ଯଦ୍ଦ୍ୱାରା ତୁମେ ବୁଝିନେବ ଯେ କାଦିୟାନ ଏଥିନିମନ୍ତେ ସୁରକ୍ଷିତ ରଖାଯାଇଛି, କାରଣ

* **ପାଦଟୀକା-** ଆଓ୍ୱା ଏକ ଆରବୀ ଶବ୍ଦ ଯାହାର ଅର୍ଥ ଧ୍ୱଂସ ଓ ଅସ୍ତବ୍ୟସ୍ତରୁ ରକ୍ଷା ପାଇବା ଏବଂ ନିଜ ସୁରକ୍ଷା ଓ ଶରଣରେ ନେଇଯିବା । ଏହା ଏଥିପ୍ରତି ଧ୍ୟାନ ଆକର୍ଷିତ କରୁଅଛି, ଯେ ପ୍ଲେଗ୍‌ର ପ୍ରକାରଭେଦ ମଧ୍ୟରୁ ସେହି ପ୍ଲେଗ୍ ପ୍ରଚଣ୍ଡ ବିନାଶକାରୀ ଯାହାର ନାମ **ତାଉନ୍ ଜାରିଫ୍** ଅର୍ଥାତ ଝାଡୁ ଦେବା ପରି ସଫା କରିଦେବା, ଯାହା କବଳରୁ ଲୋକେ ରକ୍ଷା ପାଇବା ପାଇଁ ଏଣେତେଣେ ପଳାୟନ କରିଥାନ୍ତି ଏବଂ କୁକୁରଙ୍କ ପରି ମୃତ୍ୟୁବରଣ କରିଥାନ୍ତି । ଏହି ଅବସ୍ଥା ମନୁଷ୍ୟର ସହନଶକ୍ତି ଠାରୁ ଆଗକୁ ବଢି ଯାଇଥାଏ । ଅତଏବ ଏହି ଦୈବି ବଚନରେ ଏହି ପ୍ରତିଶ୍ରୁତି ରହିଛି ଯେ କାଦିୟାନ କଦାପି ଏହି ଅବସ୍ଥାର ଶିକାର ହେବ ନାହିଁ । ଏହାର ବ୍ୟାଖ୍ୟା କରି ଦ୍ୱିତୀୟ ଐଶୀବାଣୀଟି ଏପରି କରୁଛି ଯେ,

لولا الاکرام لھلک المقام **ଲୌଲା ଇକରାମ୍ ଲିହଲକଲ୍ ମୁକାମ୍** ଅର୍ଥାତ ଯଦି ମୋର ଏହି ଜମାଅତର ଗୌରବ ରକ୍ଷା ପ୍ରତି ଧ୍ୟାନ ନଥା'ନ୍ତା, ତେବେ ମୁଁ କାଦିୟାନକୁ ମଧ୍ୟ ଧ୍ୱଂସ କରି ଦେଇଥା'ନ୍ତି । ଏହି ଭବିଷ୍ୟତବାଣୀରୁ ଦୁଇଟି କଥା ବୁଝା ପଡୁଛି ।

**ପ୍ରଥମତଃ** ଏଥିରେ କିଛି ଯାଏ ଆସେ ନାହିଁ ଯଦି ମନୁଷ୍ୟର ଧୈର୍ଯ୍ୟ ଓ ସହନ ଶକ୍ତିର ସୀମା ପର୍ଯ୍ୟନ୍ତ, କଦାଚିତ କାଦିୟାନରେ ଗୋଟିଏ ଅଧେ ଘଟଣା ଘଟିବ, ତେବେ ସୁଦ୍ଧା ତାହା କୌଣସି ଆପତ୍ତିଯୋଗ୍ୟ ବିଷୟ ନୁହେଁ ।

**ଦ୍ୱିତୀୟତଃ** ଏହି ବିଷୟ ଜରୁରୀ ଯେ ଯେଉଁ ଗ୍ରାମ ଓ ସହର କାଦିୟାନ ମୁକାବିଲାରେ ଅତ୍ୟନ୍ତ ଧୂର୍ତ, ଅହଂକାରୀ, ଅତ୍ୟାଚାରୀ, ଖଳ, ବିଦ୍ରୋହୀ ତଥା ଯେକି ଏହି ଜମାଅତର ଘୋର ଶତ୍ରୁ । ସେମାନଙ୍କ ସହର ଓ ଗ୍ରାମରେ ନିଶ୍ଚିତ ରୂପେ ଧ୍ୱଂସର ତାଣ୍ଡବ ଲୀଳା ସୃଷ୍ଟି ହେବ । ଏପରିକି ଲୋକମାନେ ଚେତାଶୂନ୍ୟଙ୍କ ପରି ବିଚଳିତ ହୋଇ ଏଣେତେଣେ ଦୌଡ଼ିବେ । ଆମେ ଆଓ୍ୱା ଶବ୍ଦର ସମସ୍ତ ଭାବାର୍ଥ ବର୍ଣ୍ଣନା କରିଦେଲୁ ଏବଂ ଆମେ ଘୋଷଣା କରୁଅଛୁ ଯେ କାଦିୟାନରେ କଦାଚିତ ତାଉନ୍ ଜାରଫ୍ ହେବ ନାହିଁ, ଅଥଚ ଯାହାକି ସମ୍ପୂର୍ଣ୍ଣ ଗ୍ରାମାଞ୍ଚଳକୁ ନିଜ ଅଧୀନ କରି ଗ୍ରାସ କରିଥାଏ । କିନ୍ତୁ ତାହା ତୁଳନାରେ ଅନ୍ୟ ସହର ଓ ଗ୍ରାମରେ ଯେଉଁ ଅନ୍ୟାୟୀ ଅତ୍ୟାଚାରୀ ଅଛନ୍ତି, ସେଠାରେ ନିଶ୍ଚିତ ରୂପେ ଭୟଙ୍କର ପରିସ୍ଥିତ ସୃଷ୍ଟି ହେବ । ସମଗ୍ର ବିଶ୍ୱରେ କାଦିୟାନ ହିଁ ଏକମାତ୍ର ସ୍ଥାନ, ଯାହାର ପ୍ରତିରକ୍ଷା ପାଇଁ ପ୍ରତିଶୃତି ଦିଆଯାଇଛି । ଏହା ହିଁ ଅଲ୍ଲାଃଙ୍କର ଅପାର କରୁଣା ଯେ କି ସର୍ବପ୍ରଶଂସିତ ।

ସେଠାରେ ପ୍ରଭୁଙ୍କ ବାର୍ତ୍ତାବହ ଓ ମନୋନୀତ ଐଶୀ ପୁରୁଷ ଉପସ୍ଥିତ ଥିଲେ । ବର୍ତ୍ତମାନ ଦେଖିନିଅ, ତିନି ବର୍ଷ ସମୟ ବିତିଗଲାଣି । ଯେଉଁଥିରୁ ପ୍ରମାଣିତ ହେଉଛି ଯେ ଭବିଷ୍ୟତବାଣୀର ସେହି ଉଭୟ ଦିଗ ପୂରଣ ହୋଇଗଲା । ଅର୍ଥାତ ଏକ ପକ୍ଷେ ତ ସମଗ୍ର ପଞ୍ଜାବ ରାଜ୍ୟରେ ପ୍ଲେଗ୍ ନିଜର ପସରା ମେଲାଇ ବସିଛି ଏବଂ ଅପର ପକ୍ଷେ କାଦିୟାନର ମାତ୍ର ଦୁଇ ମାଇଲ୍ ଦୂରତାରେ ଅବସ୍ଥିତ ଗ୍ରାମଗୁଡ଼ିକ ସେହି ରୋଗରେ ଆକ୍ରାନ୍ତ ଥିବା ସତ୍ତ୍ୱେ ଏହି ପବିତ୍ର ବସ୍ତି ସେଥିରୁ ମୁକ୍ତ ରହିଛି । ବରଂ ଆଜି ପର୍ଯ୍ୟନ୍ତ ପ୍ଲେଗ୍ ଗ୍ରସ୍ତ ଯେଉଁ ବ୍ୟକ୍ତି କାଦିୟାନର ବାହାରୁ ଆସିଥିଲେ, ସେ ମଧ୍ୟ ସୁସ୍ଥ ହୋଇଗଲେ । କ'ଣ ଏହାଠାରୁ ବଳି ଅନ୍ୟ କିଛି ପ୍ରମାଣ ଉପସ୍ଥାପନ କରାଯାଇ ପାରେ ଯେ ଯେଉଁ କଥା ଆଜିକୁ ଚାରି ବର୍ଷ ପୂର୍ବେ କୁହାଯାଇଥିଲା, ତାହା ପୂରଣ ହୋଇଗଲା । ବରଂ ପ୍ଲେଗ୍ ଖବର ତ ଆଜିକୁ ୨୨ବର୍ଷ ପୂର୍ବେ ବରାହିନେ ଅହମଦିୟାରେ ମଧ୍ୟ ପ୍ରକାଶିତ କରି ଦିଆଯାଇଛି* ଏବଂ ଭବିଷ୍ୟତରେ ଘଟିବାକୁ ଥିବା ଅଦୃଶ୍ୟ ଖବର ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାର କର୍ତ୍ତୃତ୍ୱରେ

* **ପାଦଟୀକା-** ଆଜି ଠାରୁ ଦଶ ବର୍ଷ ପୂର୍ବେ ମୁଁ ଗୋଟିଏ ସବୁଜ ବିଜ୍ଞାପନ ପ୍ରକାଶ କରିଥିଲି, ଯେଉଁଥିରେ ମୁଁ ପ୍ଲେଗ୍ ବ୍ୟାଧି ସଂକ୍ରମିତ ହେବାର ସୂଚନା ଦେଇଥିଲି ଏବଂ ତାହା ଥିଲା:

اصنع الفلك بأعيننا ووحينا ان الذين يبايعونك انما يبايعون الله يد الله فوق ايديهم

**ଅସନାଲ୍ ଫୁଲ୍‌କା ବିଆଏନନା ୱ୍‌ଓହିନା ଇନ୍‌ନଲ୍ ଲଜିନା ୟୁବାୟୁନକା ଇନ୍ନମା ୟୁବାୟୁନଲ୍ଲାହା ୟଦୁଲ୍ଲାହି ଫୌକା ଐଦିହିମ୍** ଅର୍ଥାତ ଗୋଟିଏ ନୌକା ମୋ ଆଦେଶକ୍ରମେ ମୋ ଚକ୍ଷୁ ସମ୍ମୁଖରେ ପ୍ରସ୍ତୁତ କର, ଯାହାକି ଆଗନ୍ତୁକ ବିନାଶକାରୀ ପରିସ୍ଥିତିରୁ ତୁମକୁ ରକ୍ଷା କରିବ । ଯେଉଁ ଲୋକମାନେ ତୁମର ବୈଅତ କରିଥାନ୍ତି ସେମାନେ ପ୍ରକୃତ ପକ୍ଷେ ଆମ୍ଭର ବୈଅତ କରିଥାନ୍ତି । ଏହା ତୁମ ହସ୍ତ, ନୁହେଁ ବରଂ ମୋ ହସ୍ତ ଯାହାକି ସେମାନଙ୍କ ହାତ ଉପରେ ରଖାଯାଇଥାଏ । ଏବଂ ସେହି ଐଶୀବାଣୀର ଏକ ପଦ ବରାହିନେ ଅହମଦିୟାରେ ଭବିଷ୍ୟତ ବାଣୀ ସ୍ୱରୂପ ଉଲ୍ଲେଖ କରାଯାଇଛି । ତାହା ହେଉଛି ଏହିପରି,

ولا تخاطبني في الذين ظلموا انهم مغرقون

**ୱ୍‌ଲାତଖାତିବ୍‌ନୀ ଫିଲ୍‌ଲଜିନା ଜଲମୁ ଅନ୍ନହୁମ୍ ମୁଗ୍‌ରକୁନ୍** ଅର୍ଥାତ ଯେଉଁ ଲୋକମାନେ ଅତ୍ୟାଚାର, କୁକର୍ମ, ବିଦ୍ରୋହାଚରଣ ଓ ଅମାନ୍ୟ କର୍ମରୁ ନିବୃତ୍ତ ରହୁ ନାହାନ୍ତି, ମୋ ସମ୍ମୁଖରେ ସେମାନଙ୍କର କ୍ଷମା ଜାଚନା କର ନାହିଁ । କାରଣ ସେମାନେ ଧ୍ୱଂସ ହେବେ ।

ନାହିଁ । ସୁତରାଂ ଏହି ରୋଗର ଦୂରୀକରଣ ନିମନ୍ତେ ପରମେଶ୍ୱର ମୋତେ ଯେଉଁ ବାର୍ତ୍ତା ପ୍ରଦାନ କରିଛନ୍ତି, ତାହା ହେଉଛି ଯେ ଲୋକମାନେ ମୋତେ ସ୍ୱହୃଦ ୟରୁ ମସିହ ମଉଦ ସ୍ୱୀକାର କରିନିଅନ୍ତୁ । ଯଦି ମୋ ଆଡୁ ବିନା ପ୍ରମାଣରେ କୌଣସି ଘୋଷଣା କରାଯାଇଥାନ୍ତା, ଯେପରିକି ମିଆଁ ଶମସୁଦ୍ଦିନ୍ ସେକ୍ରେଟାରୀ 'ହିମାୟତେ ଇସଲାମ୍ ଲାହୋର' ନିଜ ବିଜ୍ଞାପନରେ କିମ୍ବା ପାଦ୍ରୀ ୱାଇଟ୍ ବ୍ରେକେଟ୍ ନିଜ ବିଜ୍ଞାପନରେ ପ୍ରକାଶ କରିଛନ୍ତି । ତେବେ ମୁଁ ମଧ୍ୟ ସେମାନଙ୍କ ପରି ଏକ ମୂଲ୍ୟହୀନ କଥା କହୁଥିବା ବ୍ୟକ୍ତି ରୂପେ ସାବ୍ୟସ୍ତ ହୋଇଥାନ୍ତି । କିନ୍ତୁ ମୋର ସେହି ବଚନ ଯାହାକି ମୁଁ ପୂର୍ବରୁ କହିସାରିଛି, ଆଜି ତାହା ପୂରଣ ହୋଇଗଲା ଏବଂ ତାହା ପରେ ମଧ୍ୟ ପ୍ରଭୁ ମୋତେ ଖବର ଦେଇଥିଲେ । ସୁତରାଂ ସେହି ମହିମାମୟୀ କୁହନ୍ତି;

ما كان الله ليعذبهم وانت فيهم انه اوى القرية لولا الا كرام لهلك المقام

**ମାକାନଲ୍ଲାହା ଲିୟୁଅଯ୍‌ଯିବୁହୁମ୍ ୱଅନ୍‌ତା ଫିହିମ୍ ଅନ୍‌ନହୁ ଅୱଲ୍ କରିୟତା ଲୌଲା ଇକ୍‌ରାମ୍ ଲହଲକଲ୍ ମୁକାମ୍*** ଅର୍ଥାତ ପରମେଶ୍ୱର ଏପରି ନୁହନ୍ତି ଯେ କାଦିୟାନ୍‌ର ଲୋକମାନଙ୍କୁ ଶାସ୍ତି ଦେବେ, ଯେହେତୁ କି ତୁମେ ସେମାନଙ୍କ

---

* **ପାଦଟୀକା-** ମନେରଖନ୍ତୁ, ପରମେଶ୍ୱର ପୁତ୍ର ସନ୍ତାନରୁ ପବିତ୍ର । ନା ତାଙ୍କର କେହି ସମତୁଲ୍ୟ ଏବଂ ନା ତାଙ୍କର କେହି ପୁତ୍ର ଅଛନ୍ତି । ନା କାହାକୁ ଏହି ଅଧିକାର ଦିଆଯାଇଛି, ଯେ ସେ କହିପାରିବ ମୁଁ ଈଶ୍ୱର କିମ୍ବା ଈଶ୍ୱରର ପୁତ୍ର । କିନ୍ତୁ ଏହି ବାକ୍ୟ ଏପରିସ୍ଥଳେ ପ୍ରଯୁଜ୍ୟ ଓ ଉପମା ସୂଚକ ବର୍ଗରେ ରହିଛି । ପରମେଶ୍ୱର ପବିତ୍ର କୁରଆନରେ ହଜରତ ମୁହମ୍ମଦ ସ.ଅ.ଙ୍କୁ ନିଜ ହସ୍ତ ବୋଲି ଦର୍ଶାଇଛନ୍ତି, ଯେପରିକି ସେ କହିଛନ୍ତି;

يَدُ اللّٰهِ فَوْقَ اَيْدِيْهِمْ **ୟଦୁଲ୍ଲାହି ଫୌକା ଅଈଦିହିମ୍** (ଅଲ୍ ଫତାହ୍ 48:11) ଏହିପରି قل يا عباد الله **କୁଲ୍ ୟା ଇବାଦଲ୍ଲାଃ** କହିବା ପରିବର୍ତ୍ତେ قُلْ يٰعِبَادِى **କୁଲ୍ ୟାଇବାଦି** କହିଲେ ଏବଂ ଏହା ମଧ୍ୟ فَاذْكُرُوا اللّٰهَ كَذِكْرِكُمْ اٰبَآءَكُمْ **ଫଜ୍‌କୁରୁଲ୍ଲାହା କଜିକ୍ରିକୁମ୍ ଆବାଅକୁମ୍** (ଅଲ୍ ବକରା 2:201) ସୁତରାଂ ସେହି ପ୍ରଭୁଙ୍କ ବାଣୀକୁ ସତର୍କ ଓ ବୁଦ୍ଧିମତାର ସହ ଅଧ୍ୟୟନ କର ଏବଂ ଉପମା ଛଳରେ ବୁଝି ତାହାଙ୍କ ଉପରେ ବିଶ୍ୱାସ ସ୍ଥାପନ କର ଏବଂ ତାହାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କର ନାହିଁ । ବାସ୍ତବିକତାକୁ ଈଶ୍ୱରଙ୍କ ଠାରେ ସମର୍ପିତ କରିଦିଅ ତଥା ବିଶ୍ୱାସ ରଖ ଯେ ପ୍ରଭୁ ପୁତ୍ର ରଖିବାରୁ ପବିତ୍ର । ତଥାପି ଉପମା ଛଳରେ ତାଙ୍କ ବାଣୀରେ ଅନେକ କିଛି ମିଳିଥାଏ । ସୁତରାଂ ତାହାର ଅନୁକରଣ କରିବାରୁ ନିବୃତ୍ତ ରୁହ ନଚେତ୍ ବିନାଶ ହୋଇଯିବ ଏବଂ ମୋ ସମ୍ବନ୍ଧରେ➔

ଗହଣରେ ରହୁଛ । ସେ (ପ୍ରଭୁ) ଏହି ଗ୍ରାମ (ମଫସଲ)କୁ ପ୍ଳେଗ୍‌ର କବଳରୁ ଓ ତାହାର ବିଧ୍ୱଂସରୁ ରକ୍ଷା କରିବେ । ଯଦି ଆମ୍ଭକୁ ତୁମ ଚିନ୍ତା ନଥା'ନ୍ତା ଏବଂ ତୁମ ସମ୍ମାନ ରକ୍ଷା ପ୍ରତି ଦୃଷ୍ଟି ନଥା'ନ୍ତା ତେବେ ଆମ୍ଭେ ସେହି ଗ୍ରାମକୁ ସମ୍ପୂର୍ଣ୍ଣ ଛାରଖାର କରି ଦେଇଥା'ନ୍ତୁ । ଆମ୍ଭେ ପରମ ଦୟାଳୁ, ଯେ କି ସଙ୍କଟ ମୋଚନକାରୀ । ଆମ୍ଭ ବାର୍ତ୍ତାବହଗଣଙ୍କୁ ଆମ୍ଭ ପାର୍ଶ୍ୱରୁ ତିଳେମାତ୍ର ଭୟ ଓ ଦୁଃଖ ନାହିଁ । ଆମ୍ଭେ (ସମସ୍ତ)ଙ୍କ ଉପରେ ଦୃଷ୍ଟି ରଖିଥାଉ । ଆମ୍ଭେ ନିଜ ରସୁଲଙ୍କ ସାଥିରେ ଛିଡ଼ା ହୋଇଅଛୁ ଏବଂ ତାହାକୁ ନିନ୍ଦିତ ଓ ଅପମାନିତ କରିବୁ ଯେ ଆମ୍ଭର ପ୍ରେରିତ ଦୂତଙ୍କ ନିନ୍ଦା କରିବ । ଆମ୍ଭେ ନିଜ ସମୟକୁ ବିଭାଜନ କରିଦେବୁ, ଯେପରିକି ବର୍ଷର କିଛି ଭାଗ ପ୍ରତୀକ୍ଷା କରିବୁ ଅର୍ଥାତ ପ୍ଳେଗ୍ ଦ୍ୱାରା ଲୋକମାନଙ୍କୁ ବିନାଶ କରିଦେବୁ ଏବଂ ବର୍ଷର କିଛି ଭାଗରେ ଉପବାସ (ରୋଜା) ରଖିବୁ । ଅର୍ଥାତ ସର୍ବତ୍ର ଶାନ୍ତି ଓ ସମୃଦ୍ଧି ବିରାଜିତ ହେବ ଏବଂ ପ୍ଳେଗ୍‌ର ପ୍ରକୋପ କ୍ରମେ କ୍ରମେ ହ୍ରାସ ପାଇବ । ଏପରିକି ନିଶ୍ଚିହ୍ନ ହୋଇଯିବ । ମୋର ପ୍ରକୋପିତ ଶାସ୍ତି ଉଦ୍‌ଗୀରଣ ହେଉଛି, ବ୍ୟାଧି ନିଜର କାୟା ବିସ୍ତାର କରିଚାଲିଛି, ଯାହାକି ଅନେକ ଜୀବନ ହାନୀ ଘଟାଇବ । କିନ୍ତୁ ସେହି ଲୋକମାନେ ଶାନ୍ତିରେ କାଳାତିପାତ କରିବେ ଯେଉଁମାନେ ବିଶ୍ୱାସ ଆଣିବେ ଏବଂ ସେମାନଙ୍କ ବିଶ୍ୱାସରେ କିଛି ତ୍ରୁଟି ନଥିବ । ସେମାନଙ୍କର ମୁକ୍ତିର ମାର୍ଗ ସମତୁଳ ହୋଇଯିବ । ଏପରି ମଣ ନାହିଁ ଯେ ଅପରାଧି ଓ ଦୋଷୀମାନେ ସୁରକ୍ଷିତ ଅଛନ୍ତି । ଆମ୍ଭେ ସେମାନଙ୍କ ନିକଟତର ହୋଇଚାଲିଛୁ, ଆମ୍ଭେ ନେପଥ୍ୟରେ ନିଜ ସୈନ୍ୟସାମନ୍ତ ପ୍ରସ୍ତୁତ କରିଚାଲିଛୁ ଅର୍ଥାତ ପ୍ଳେଗ୍‌ର କୀଟକୁ ପୋଷଣ କରୁଅଛୁ । ଅତଃ ସେମାନେ ନିଜ ଗୃହମାନଙ୍କରେ ଏପରି ଚିର ନିଦ୍ରାରେ ଶୋଇଯିବେ, ଯେପରି ଏକ ଓଟ ମରି ପଡ଼ିଥାଏ । ଆମ୍ଭେ ସେମାନଙ୍କୁ ନିଜର ନିଦର୍ଶନ ପ୍ରଥମେ ତ ଦୂର ଦୂରାନ୍ତର ଲୋକମାନଙ୍କ ଦ୍ୱାରା ଦେଖାଇବୁ ଏବଂ ତତ୍‌ପରେ ସ୍ୱୟଂ ସେମାନଙ୍କ ମଧ୍ୟରେ ଆମ୍ଭର ନିଦର୍ଶନ ପ୍ରକଟିତ ହେବ । ତାହା ପ୍ରଭୁଙ୍କ ସାହାଯ୍ୟ ଓ ବିଜୟର ଦିନ

← ସ୍ୱଷ୍ଟ ରୂପେ ବରାହିନେ ଅହମଦିୟାରେ ଏହି ଦୈବିବାଣୀର ଉଲ୍ଲେଖ ରହିଛି;

قل انّما انا بشر مثلكم يوحٰى الىّ انّما الٰهكم الٰه واحد والخير كله فى القراٰن ۔ منه

କୁଲ୍ ଇନ୍ନମା ଅନା ବଶରୁମ୍ ମିସ୍‌ଲକୁମ୍ ୟୁହା ଇଲୈୟା ଇନ୍ନମା ଇଲାହୁକୁମ୍ ଇଲାହୁନ୍ ଓାହିଦ୍ ଓଲ୍ ଖୈରା କୁଲ୍ଲୁକୁ ଫିଲ୍ କୁରଆନ୍ ।

ହେବ । ଆମ୍ଭେ ତୁମ ସହିତ ଏକ କିଣାବିକା କାରବାର କରିଛୁ ଅର୍ଥାତ ଗୋଟିଏ ବସ୍ତୁ ଆମ୍ଭର ଥିଲା, ତୁମ୍ଭକୁ ତାହାର ମାଲିକ କରି ଦିଆଗଲା ଏବଂ ଗୋଟିଏ ବସ୍ତୁ ତୁମର ଥିଲା ଯାହାର ଆମ୍ଭେ ମାଲିକ ହୋଇଗଲୁ । ତୁମେ ମଧ୍ୟ ସେହି କାରବାରକୁ ସ୍ୱୀକାର କର ଏବଂ କହିଦିଅ ଯେ ପ୍ରଭୁ ମୋ ସହିତ କିଣାବିକା କରିଛନ୍ତି । ତୁମେ ଆମ୍ଭ ସହିତ ଏପରି ହୋଇଯାଇଛ ଯେପରିକି ସନ୍ତାନ । ତୁମେ ଆମ୍ଭ ମଧ୍ୟରୁ ଏବଂ ଆମ୍ଭେ ତୁମ ମଧ୍ୟରୁ । ସେହି ସମୟ ନିକଟତର ଯେବେ ଆମ୍ଭେ ତୁମକୁ ଏଭଳି ସ୍ଥାନରେ ଛିଡ଼ା କରାଇବୁ ଯେ ସଂସାରବାସୀ ତୁମର ପ୍ରଶଂସା ଓ ଯଶଃ ଗାନ କରିବେ । ଶ୍ରେଷ୍ଠତ୍ୱ ତୁମ ପାଇଁ ଏବଂ ଅଧୋଗତି ତୁମ ଶତ୍ରୁମାନଙ୍କ ସକାଶେ । ସୁତରାଂ ଧୈର୍ଯ୍ୟ ରକ୍ଷା କର ଯେପର୍ଯ୍ୟନ୍ତ ସେହି ପ୍ରତିଶ୍ରୁତିର ଦିନ ଆସି ପହଞ୍ଚି ନାହିଁ । ପ୍ଲେଗ୍ ଉପରେ ଏକ ଏପରି ଦିନ ଆସିବ ଯେତେବେଳେ କେହି ହେଲେ ବ୍ୟକ୍ତି କବଳିତ ହେବ ନାହିଁ । ଅର୍ଥାତ ପରିଶେଷରେ କଲ୍ୟାଣ ସୁଖ ଓ ସମୃଦ୍ଧି* ବର୍ତ୍ତମାନ ଏହି ସମ୍ପୂର୍ଣ୍ଣ ବ୍ୟାଖ୍ୟାରୁ ସମସ୍ତ ଐଶୀବାଣୀରୁ ତିନୋଟି ବିଷୟ ପ୍ରମାଣିତ ହେଉଛି । ପ୍ରଥମତଃ ପ୍ଲେଗ୍ ସଂସାରକୁ

---

* **ପାଦଟୀକା-** ଦୀର୍ଘ ସମୟ ପୂର୍ବରୁ ପ୍ଲେଗ୍ ରୋଗ ପ୍ରସଙ୍ଗରେ ପରମେଶ୍ୱର ମୋତେ ଅନ୍ୟର କାହାଣୀ ସ୍ୱରୂପ ସୂଚନା ଦେଇଥିଲେ يا مسيح الخلق عدوانا **ୟା ମସିହୁଲ୍ ଖଲକ୍ ଅଦଓାନା** କିନ୍ତୁ ଆଜି ୧୯୦୨ମସିହା ଅପ୍ରେଲ ମାସ ୨୧ତାରିଖରେ ମଧ୍ୟ ସେହି ଐଶୀବାଣୀକୁ ପୁନର୍ବାର ଏହିପରି କୁହାଗଲା;

يا مسيح الخلق عدوانا لن ترى من بعد موادنا و فسادنا **ୟାମସିହୁଲ୍ ଖଲକ୍ ଅଦ୍ଓାନା ଲନ୍ତରା ମିନ୍ବାଦୀ ମଓାଦିନା ଓ ଫସାଦନା** ଅର୍ଥାତ ହେ ଈଶ୍ୱରଙ୍କ ମସିହ ! ଯେ କି ସୃଷ୍ଟି ଜଗତ ପାଇଁ ପ୍ରେରଣ କରାଯାଇଛ, ଶୀଘ୍ର ଆମର ଖବର ନିଅ ଏବଂ ଆମକୁ ନିଜ ସୁପାରିଶ ମାଧ୍ୟମରେ (ତୁମେ) ରକ୍ଷା କର । ତୁମକୁ ଏହାପରେ ଆମ ପାପକର୍ମ ପ୍ରତି ଚିନ୍ତା କରିବାକୁ ପଡ଼ିବ ନାହିଁ । ନା ହିଁ ଆମ ମଧ୍ୟରେ କୌଣସି ପ୍ରକାର ବିଶୃଙ୍ଖଳା ବାକି ରହିବ । ଅର୍ଥାତ ଆମେ ସୁଧୁରି ଯିବୁ ତଥା ଗାଳିଗୁଲଜ ଓ ଅପଶବ୍ଦ ବକିବା ଛାଡ଼ିଦେବୁ ଏବଂ ସ୍ୱଚ୍ଛ ଓ ପବିତ୍ର ପାଲଟିଯିବୁ । ଏହା ପରମେଶ୍ୱରଙ୍କ ବାଣୀ ବରାହିନେ ଅହମଦିୟାର ସେହି ଐଶୀବାଣୀ ଅନ୍ତର୍ଗତ ରହିଛି ଯେ ଅନ୍ତିମ ଦିନରେ ଆମ୍ଭେ ଲୋକମାନଙ୍କୁ ପ୍ଲେଗ୍ ରୋଗରେ ଆକ୍ରାନ୍ତ କରେଇବୁ । ଯେପରିକି ସେ କହିଛନ୍ତି; كذالك مننّا على يوسف لنصرف عنها السوء و الفحشاء

**କଜାଲିକା ମିନ୍ନା ଅଲାୟୁସୁଫ୍ ଲିନସ୍‌ରିଫା ଅନ୍‌ହୁଲ୍ ସୱାଉଲ୍ ଫହ୍‌ଶାଆ** ଅର୍ଥାତ ଆମ୍ଭେ ପ୍ଲେଗ୍‌ର ସହିତ ଏହି ୟୁସୁଫଙ୍କ ଉପରେ ଏହି ଉପକାର କରିବୁ ଯେ ମନ୍ଦଭାଷି ➔

ଏଥିସକାଶେ ଆସିଛି କାରଣ ପ୍ରଭୁଙ୍କ ମସିହଙ୍କର କେବଳ ଅମାନ୍ୟ ଓ ଅସ୍ୱୀକାର କରାଗଲା ନାହିଁ ବରଂ ତାହାକୁ ଦୁଃଖ କଷ୍ଟ ମଧ୍ୟ ଦିଆଗଲା । ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ତାହାର ନାମ ଅମାନ୍ୟକାରୀ ଓ ଦଜ୍ଜାଲ (ପ୍ରବଞ୍ଚକ) ରଖାଗଲା । ଅତଃ ପ୍ରଭୁ ଏହା ପସନ୍ଦ କଲେ ନାହିଁ ଯେ ନିଜ ରସୁଲଙ୍କୁ ସାକ୍ଷ୍ୟ ନରଖି ଛାଡ଼ିଦେବେ । ସେଥିସକାଶେ ସେ ପୃଥିବୀ ଓ ଆକାଶ ଉଭୟକୁ ତାଙ୍କ ସତ୍ୟବାଦୀ ହେବାର ପ୍ରମାଣ ନିମନ୍ତେ ସାକ୍ଷ୍ୟ କରିଦେଲେ । ରମଜାନ ମାସରେ ଆକାଶକୁ ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ ମାଧ୍ୟମରେ ଏବଂ ପୃଥିବୀରେ ପ୍ଲେଗ୍ ରୋଗକୁ ସଂକ୍ରମିତ କରି ସାକ୍ଷ୍ୟ କରିଦେଲେ । ଯଦ୍ୱାରା ପ୍ରଭୁଙ୍କର ସେହି ବାଣୀ ପୂରଣ ହେବ ଯାହାକି ବରାହିନେ ଅହମଦିୟାରେ ଏହିପରି ଦରଜ ରହିଛି;

قل عندی شهادة من الله فهل انتم تومنون

قل عندی شهادة من الله فهل انتم تسلمون

**କୁଲ୍ ଇନ୍ଦି ଶାହାଦତା ମିନଲ୍ଲାହା ଫହଲ୍ ଅନ୍ତୁମ୍ ତୁମିନୁନ୍ । କୁଲ୍ ଇନ୍ଦି ଶହାଦତନ୍ ମିନଲ୍ଲାହା ଫହଲ୍ ଅନ୍ତୁମ୍ ତସ୍‌ଲିମୁନ୍** ଅର୍ଥାତ ମୋ ନିକଟରେ ପ୍ରଭୁଙ୍କ ସାକ୍ଷ୍ୟ ରହିଛି । ସୁତରାଂ କ'ଣ ତୁମେ ବିଶ୍ୱାସ ଆଣିବ ନା ନାହିଁ । ପୁନଶ୍ଚ ମୁଁ କହି ଦେଉଛି ଯେ ମୋ ନିକଟରେ ପ୍ରଭୁଙ୍କ ସାକ୍ଷ୍ୟ ରହିଛି । ଅତଃ ତୁମେ ସ୍ୱୀକାର କରିବ ଅବା ନାହିଁ । ପ୍ରଥମ ସାକ୍ଷ୍ୟର ତତ୍ପର୍ଯ୍ୟ ଆକାଶୀୟ ସାକ୍ଷ୍ୟ, ଯେଉଁଥିରେ କୌଣସି ପ୍ରକାର ବାଧ ବାଧକତା ନାହିଁ । ଏଥିପାଇଁ ସେଥିରେ ତୁମିନୁନା ଶବ୍ଦ ବ୍ୟବହାର କରାଯାଇଛି ।

(୨) ଦ୍ୱିତୀୟ ବିଷୟ ଏହି ଐଶୀବାଣୀରୁ ପ୍ରମାଣିତ ହେଉଛି ଯେ ଏହି ପ୍ଲେଗ୍ ଏପରି ଅବସ୍ଥାରେ ହ୍ରାସ ପାଇବ, ଯେତେବେଳେ ଲୋକମାନେ ପ୍ରଭୁଙ୍କ

← ଲୋକମାନଙ୍କ ମୁହଁ ବନ୍ଦ କରିଦେବୁ, ଯଦ୍ଦ୍ୱାରା ସେମାନେ ଭୟଭୀତ ହୋଇ ଅଶ୍ରାବ୍ୟ ଗାଳିମନ୍ଦ ବକିବା ବନ୍ଦ କରିଦେବେ । ସେହି ଦିନମାନଙ୍କ ସଂକ୍ରାନ୍ତରେ ପ୍ରଭୁଙ୍କର ଏହି ବାଣୀ ରହିଛି । ଯେଉଁଥିରେ ଭୂପୃଷ୍ଠ ସଂକ୍ରାନ୍ତୀୟ ବାଣୀ ପ୍ରତି ମୋତେ ଅବଗତ କରାଯାଇଛି । ତାହା ଏହିକି ଯେ يَا وَلِيَّ اللهِ كُنْتُ لَا أَعْرِفُكَ **ୟା ଓ୍ୱଲିୟଲ୍ଲାହା କୁନ୍ତୁ ଲାଆରିଫୁକା** ଅର୍ଥାତ ହେ ପ୍ରଭୁଙ୍କ ଓଲି (ପରମ ସଖା)! ମୁଁ ଏଥି ପୂର୍ବରୁ ତୁମକୁ ଚିହ୍ନି ନଥିଲି । ଏହାର ବ୍ୟାଖ୍ୟା ଏହିପରି ଯେ ଅର୍ଦ୍ଧଚେତନ ଅବସ୍ଥାରେ ଭୂପୃଷ୍ଠକୁ ମୋ ସମ୍ମୁଖରେ ଆଣି ରଖି ଦିଆଗଲା ଏବଂ ସେ ଏହା ବ୍ୟକ୍ତ କଲା ଯେ ବର୍ତ୍ତମାନ ସୁଦ୍ଧା ମୁଁ ତୁମକୁ ଚିହ୍ନି ନଥିଲି ଯେ ତୁମେ ଦୟାମୟ ଈଶ୍ୱରଙ୍କ ପରମ ସଖା ।

ମନୋନୀତଙ୍କୁ ସ୍ୱୀକାର କରିନେବେ ଏବଂ ଅତି କମ୍‌ରେ ନିଜର ଦୁଷ୍ଟାମି, ଅତ୍ୟାଚାର ଓ କଟୁଭାଷା କହିବାରୁ ନିବୃତ୍ତ ହୋଇଯିବେ । କାରଣ 'ବରାହିନେ ଅହମଦିୟା'ରେ ଈଶ୍ୱର ଏହା ଦର୍ଶାଇଛନ୍ତି ଯେ ମୁଁ ଶେଷ ଦିନମାନଙ୍କରେ ପ୍ଲେଗ୍ ଦୁଃସାଧ ବ୍ୟାଧିକୁ ପ୍ରେରଣ କରିବି, ଯଦ୍ୱାରା ସେହି ଦୁଷ୍ଟ ଓ ଖଳ ପ୍ରବୃତ୍ତିର ଲୋକମାନଙ୍କ ମୁହଁ ବନ୍ଦ କରିଦେବି, ଯେଉଁମାନେ ମୋର ପ୍ରିୟ ରସୁଲଙ୍କୁ ଗାଳିଗୁଲଜ କରୁଥିଲେ । ଅସଲ ବିଷୟ ହେଉଛି ଯେ କେବଳ ଜଣେ ଅବତାରଙ୍କ ଅମାନ୍ୟ କରିବା ଯୋଗୁଁ ସଂସାରରେ ପ୍ରଳୟଙ୍କର ବିନାଶ ପଠାଯାଇ ନଥାଏ ବରଂ ଯଦି ଲୋକମାନେ ଶିଷ୍ଟାଚାର ଓ ଶାଳୀନତା ପୂର୍ବକ ଈଶ୍ୱର ପ୍ରେରିତ ଦୂତଙ୍କୁ ଅସ୍ୱୀକାର କରନ୍ତି ଏବଂ ତାଙ୍କ ପ୍ରତି ଅତ୍ୟାଚାର କରି ହସ୍ତ ପ୍ରଶସ୍ତ ତଥା ଅପଭାଷା ପ୍ରୟୋଗ କରିବାରୁ ନିବୃତ୍ତ ରୁହନ୍ତି ନାହିଁ, ତେବେ ସେମାନଙ୍କ ପାଇଁ ଦଣ୍ଡବିଧାନ ଅନ୍ତିମ ବିଚାର ଦିବସ (କୟାମତ)ରେ ହୋଇଥାଏ । ସଂସାରରେ ଯେପରି ବାର୍ତ୍ତାବହମାନଙ୍କ ସହାୟତା ପାଇଁ ସଂକ୍ରାମକ ମହାମାରୀ ପ୍ରେରଣ କରାଯାଇଥାଏ, ତାହା କେବଳ ଅସ୍ୱୀକାର କରିବା ଯୋଗୁଁ ନୁହେଁ ବରଂ ଦୁଷ୍ଟାମି ଓ ମନ୍ଦକର୍ମ ଯୋଗୁଁ ଶାସ୍ତି ସ୍ୱରୂପ ହୋଇଥାଏ । ଏହିପରି ବର୍ତ୍ତମାନ ମଧ୍ୟ ଯେତେବେଳେ ଲୋକମାନେ ଗାଳିଗୁଲଜ, ଅନ୍ୟାୟ, ଅତ୍ୟାଚାର ତଥା ନିଜର ଦୁରାଚାର ଓ ପାପକୁ ପରିହାର କରି ସୁଶୀଳ ଓ ଭଦ୍ରଙ୍କ ପରି ସଦାଚାର ଆଚରଣ ପ୍ରଦର୍ଶନ କରିବେ, ସେତେବେଳେ ଏହି ଚେତାବନୀ ଉଠାଇ ନିଆଯିବ । କିନ୍ତୁ ଏହି ପ୍ରରିପେକ୍ଷୀରେ ଅନେକ ଭାଗ୍ୟଶାଳୀ ବ୍ୟକ୍ତି ପ୍ରଭୁଙ୍କ ଅବତାରଙ୍କୁ ସ୍ୱୀକାର କରି ନୈସର୍ଗିକ କଲ୍ୟାଣରୁ ଭାଗ ନେଇଥାନ୍ତି ଏବଂ ଭୂପୃଷ୍ଠ ସେହି ଭାଗ୍ୟବାନ ବ୍ୟକ୍ତିଙ୍କ ଦ୍ୱାରା ପୂରି ଯାଇଥାଏ ।

(୩) ତୃତୀୟ କଥା ଯାହା ଏହି ଐଶୀବାଣୀ ଦ୍ୱାରା ପ୍ରମାଣିତ ହେଉଛି, ତାହା ଏହିକି ଯେ ଯଦିଚ ପ୍ଲେଗ୍ ୭୦ବର୍ଷ କାଳ ସଂସାରରେ ନିଜର କାୟା ବିସ୍ତାର କରି ରହେ, ତଥାପି ପରମେଶ୍ୱର କାଦିୟାନକୁ ତାହାର ଭୟଙ୍କର ବିଭୀଷିକାରୁ ସୁରକ୍ଷିତ ରଖିବେ । କାରଣ ଏହା ତାଙ୍କ ପ୍ରେରିତ ଦୂତଙ୍କ ଧର୍ମ କେନ୍ଦ୍ର ରୂପୀ ସିଂହାସନ ଏବଂ ଏହା ସମସ୍ତ ସମ୍ପ୍ରଦାୟ ପାଇଁ ନିଦର୍ଶନ ସ୍ୱରୂପ ଅଟେ ।

ବର୍ତ୍ତମାନ ଯଦି ପରମେଶ୍ୱରଙ୍କର ଏହି ଅବତାର ଓ ଏହି ନିଦର୍ଶନର କେହି ଅସ୍ୱୀକାର କରନ୍ତି ଏବଂ ଚିନ୍ତା କରୁଥିବେ ଯେ କେବଳ ପାରମ୍ପାରିକ ରୀତିରେ

ନମାଜ ପାଠ କରିବା ଓ ଦୁଆ କରିବା କିମ୍ବା ମସିହଙ୍କର ଉପାସନା ଅଥବା ଗୋମାତା ସମ୍ବନ୍ଧୀୟ ତତ୍ତ୍ୱ ଅଥବା ବେଦ ଉପରେ ବିଶ୍ୱାସ ସ୍ଥାପନ କରିବା ଦ୍ୱାରା ବିରୁଦ୍ଧାଚରଣ ଓ ଶତ୍ରୁତା ତଥା ଅବତାରଙ୍କ ଅବଜ୍ଞା କରିବା ସତ୍ତ୍ୱେ ପ୍ଲେଗ୍ ରୋଗ ଦୂର ହୋଇ ପାରିବ, ତା'ହେଲେ ଏହି ଚିନ୍ତାଧାରା ବିନା ପ୍ରମାଣରେ ସ୍ୱୀକାର ଯୋଗ୍ୟ ନୁହେଁ । ସତରାଂ ଯେଉଁ ବ୍ୟକ୍ତି ଏହି ସମସ୍ତ ସଂପ୍ରଦାୟ ମଧ୍ୟରୁ ସ୍ୱଧର୍ମର ସତ୍ୟତା ପ୍ରମାଣ ଦେବାକୁ ଚାହୁଁଅଛି, ତେବେ ତାହା ପାଇଁ ଏହା ଏକ ସୁବର୍ଣ୍ଣ ଅବସର । ଯେପରିକି ପ୍ରଭୁଙ୍କ ନିକଟରୁ ଆସିଥିବା ସକଳ ଧର୍ମ ସତ୍ୟ କି ଅସତ୍ୟ ତାହା ଜାଣିବା ପାଇଁ ଏକ ପ୍ରଦର୍ଶନୀସ୍ଥଳ ନିର୍ଦ୍ଧାରିତ କରାଯାଇଛି ଏବଂ ପ୍ରଭୁ ନିଜ ଆଡୁ ସର୍ବପ୍ରଥମେ କାଦିୟାନର ନାମ ନେଇଛନ୍ତି । ବର୍ତ୍ତମାନ ଯଦି ଆର୍ଯ୍ୟମାନେ ବେଦକୁ ସତ୍ୟ ମନେକରୁଛନ୍ତି, ତେବେ ସେମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ ବନାରସ ଯାହାକି ବେଦ ଶିକ୍ଷା ଦେବାର ପୀଠସ୍ଥଳୀ, ସେଥିପାଇଁ ଏକ ଭବିଷ୍ୟତବାଣୀ କରିଦିଅନ୍ତୁ, ଯେ ତାଙ୍କ ପରମେଶ୍ୱର ବନାରସକୁ ପ୍ଲେଗ୍‌ର ବିଭୀଷିକାରୁ ସୁରକ୍ଷିତ ରଖିବେ । ଏବଂ ସନାତନ ଧର୍ମାବଲମ୍ବୀ ମଧ୍ୟ କୌଣସି ଏପରି ଏକ ସହର ସଂକ୍ରାନ୍ତରେ ଭବିଷ୍ୟତବାଣୀ କରନ୍ତୁ ଯେଉଁଠାରେ ମାତ୍ରାଧିକ ସଂଖ୍ୟାରେ ଗାଈ ରହୁଥିବେ, ଉଦାହରଣ ସ୍ୱରୂପ ଅମୃତ ସହର ପ୍ରସଙ୍ଗରେ ଘୋଷଣା କରିଦିଅନ୍ତୁ ଯେ ଗୋ'ମାତାଙ୍କ ପ୍ରଭାବରେ ଏଠାକୁ ପ୍ଲେଗ୍ ଆସିବ ନାହିଁ । ଯଦି ଗାଈମାନେ ଏପରି ଚମ୍‌ତ୍କାରତା ଦେଖାଇ ଦିଅନ୍ତି ତେବେ କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ଏହି ଚମ୍‌ତ୍କାରୀ ପଶୁଙ୍କ ଜୀବନକୁ ସରକାର ବଞ୍ଚାଇ ଦେବେ । ତଦନୁରୂପ ଖ୍ରୀଷ୍ଟିୟାନମାନେ କଲିକତା ସମ୍ବନ୍ଧରେ ଭବିଷ୍ୟତବାଣୀ କରିଦିଅନ୍ତୁ ଯେ ସେଠାରେ ପ୍ଲେଗ୍ ରୋଗ ସଂକ୍ରମିତ ହେବ ନାହିଁ । କାରଣ ବ୍ରିଟିଶ ସରକାରଙ୍କ ସବୁଠାରୁ ବଡ଼ ବିଶପ୍ (ପାଦ୍ରୀ) କଲିକତାରେ ରହୁଛନ୍ତି । ଏହିପରି ମିଆଁ ଶମସୁଦ୍ଦିନ୍ ଓ ତାଙ୍କ ସଂସ୍ଥା ଅଞ୍ଜୁମନ୍ ହିମାୟତେ ଇସଲାମ'ର ସଦସ୍ୟବୃନ୍ଦଙ୍କ ପାଇଁ ଉଚିତ ହେବ ଯେ ଲାହୋର ପ୍ରସଙ୍ଗରେ ଭବିଷ୍ୟତବାଣୀ କରିଦିଅନ୍ତୁ ଯେ ସେ ପ୍ଲେଗ୍ ରୋଗ ଦାଉରୁ ସୁରକ୍ଷିତ ରହିବ । ଏବଂ ମୁନ୍‌ଶି ଇଲାହି ବଖଶ୍ ଆକାଉଣ୍ଟାଣ୍ଟ ଯେ କି ଐଶ୍ୱୀବାଣୀ ପ୍ରାପ୍ତ ହେବାର ଘୋଷଣା କରୁଥିଲେ, ସେମାନଙ୍କ ପାଇଁ ମଧ୍ୟ ଏହା ଏକ ସୁନ୍ଦର ଅବସର ଯେ ନିଜ ଐଶ୍ୱୀବାଣୀ ଦ୍ୱାରା ଲାହୋର ସଂକ୍ରାନ୍ତରେ ଭବିଷ୍ୟତବାଣୀ କରି ଅଞ୍ଜୁମନ୍ ହିମାୟତେ ଇସଲାମ'ର ସହାୟତା କରନ୍ତୁ । ଅବ୍ଦୁଲ୍ ଜବାର ଓ ଅବ୍ଦୁଲ୍ ହକ୍ ଅମୃତସହର ପ୍ରସଙ୍ଗରେ ଭବିଷ୍ୟତବାଣୀ କରିଦିଅନ୍ତୁ ଏବଂ ଯେହେତୁ ୱହାବି

ଫିର୍କା'ର କେନ୍ଦ୍ର ଦିଲ୍ଲୀରେ ଅଛି । ତେଣୁ ନଜିର ହୁସେନ୍ ଓ ମୁହମ୍ମଦ ହୁସେନ୍ ଦିଲ୍ଲୀ ସଂକ୍ରାନ୍ତରେ ଭବିଷ୍ୟତବାଣୀ କରିବା ଆବଶ୍ୟକ ଯେ ତାହା ପ୍ଲେଗ୍‌ର ଆକ୍ରମଣରୁ ସୁରକ୍ଷିତ ରହିବ । ଅତଃ ଏପରି ଭାବରେ ସମଗ୍ର ପଞ୍ଜାବ ଏହି ମହାମାରୀର ପ୍ରକୋପରୁ ରକ୍ଷା ପାଇଯିବ ଏବଂ ସରକାର ମଧ୍ୟ ମାଗଣାରେ ଦାୟିତ୍ୱମୁକ୍ତ ହୋଇଯିବ । ଯଦି ସେମାନେ ଏପରି ନକରନ୍ତି ତେବେ ଏହା ହିଁ ବୁଝାଯିବ ଯେ ବାସ୍ତବରେ ଈଶ୍ୱର ସେ ଯେ କି କାଦିୟାନ୍‌ରେ ନିଜ ବାର୍ତ୍ତାବହଙ୍କୁ ପ୍ରେରଣ କରିଛନ୍ତି ।

ଅନ୍ତତଃ ଏତିକି ସ୍ମରଣ ରହିଥାଉ ଯେ ଯଦି ଏହି ସମସ୍ତ ଲୋକ ଯେଉଁମାନଙ୍କ ମଧ୍ୟରେ ମୁସଲମାନ ଐଶ୍ୱୀବାଣୀ ପ୍ରାପ୍ତକାରୀ, ଆର୍ଯ୍ୟ ସମାଜୀଙ୍କ ପଣ୍ଡିତ ଓ ଖ୍ରୀଷ୍ଟ ପାଦ୍ରୀ ସମୁହ ସମ୍ପୃକ୍ତ ଅଛନ୍ତି, ସେମାନେ ନିରବ ରୁହନ୍ତି, ତେବେ ଏହା ପ୍ରମାଣସିଦ୍ଧ ହୋଇଯିବ ଯେ ଏମାନେ ସମସ୍ତେ ମିଥ୍ୟାବାଦୀ ଏବଂ ଦିନ ଆସିବ ଯେତେବେଳେ କାଦିୟାନ ସୂର୍ଯ୍ୟ ପରି ପ୍ରକାଶମୟ ହୋଇ ନିଜର ଚମକ ଦେଖାଇଦେବ ଯେ ତାହା ଏକ ସତ୍ୟବାଦୀର ପୀଠ । ପରିଶେଷରେ ମିଆଁ ଶମସୁଦ୍ଦିନ୍ ସାହେବଙ୍କୁ ମନେରଖିବା ଉଚିତ ଯେ ଆପଣ ନିଜ ପତ୍ରିକାରେ ଯେଉଁ ପଙ୍‌କ୍ତି أَمَّنْ يُّجِيْبُ الْمُضْطَرَّ **ଅମ୍ମଇଁ ୟୁଜିବୁଲ୍ ମୁଜ୍‌ତର୍‌ରା** (ଅନ୍ ନମଲ୍ 27:63) ଲେଖିଛନ୍ତି ଏବଂ ସେଥିରେ ପ୍ରାର୍ଥନା ଗୃହୀତ ହେବାର ଆଶା ବାନ୍ଧି ବସିଛନ୍ତି, ସେହି ଆଶା ନିରର୍ଥକ ସାବ୍ୟସ୍ତ ହେବା କାରଣ ପ୍ରଭୁଙ୍କ ବାଣୀରେ ଶବ୍ଦ ମୁଜ୍‌ତର୍‌ର ଅଭିପ୍ରାୟ କ୍ଷତିଗ୍ରସ୍ତ ଓ କଷ୍ଟଭୋଗୀ ଅର୍ଥାତ ଯେ କେବଳ ସମସ୍ୟାର ଶିକାର ହୋଇ ଯନ୍ତ୍ରଣାରେ ପୀଡ଼ିତ ହୋଇଥାଏ, ଯାହା ଶାସ୍ତି ଆକାରରେ ନୁହେଁ । କିନ୍ତୁ ଯେଉଁ ଲୋକମାନେ ଦଣ୍ଡିତ ହୋଇ କଷ୍ଟଭୋଗ କରିଥାନ୍ତି, ସେମାନଙ୍କ ପାଇଁ ଏହି ଦୃଷ୍ଟାନ୍ତ ପ୍ରଜୁଯ୍ୟ ନୁହେଁ । ନଚେତ୍ ନୁହଙ୍କ, ଲୁତଙ୍କ ଓ ଫିରଓ୍ୱନ୍ ସମ୍ପ୍ରଦାୟର ଲୋକମାନଙ୍କ ପ୍ରାର୍ଥନା ସେହି ଆତୁରତା, ଅଧିରତା ଓ ବିକଳ ଅବସ୍ଥାରେ ଗୃହୀତ କରାଯାଇଥାନ୍ତା, କିନ୍ତୁ ଏପରି ଘଟିଲା ନାହିଁ । ବରଂ ଈଶ୍ୱର ସେହି ସମ୍ପ୍ରଦାୟଗୁଡ଼ିକୁ ଧ୍ୱଂସ କରିଦେଲେ । ଯଦି ଶମସୁଦ୍ଦିନ୍ ସାହେବ କୁହନ୍ତି ଯେ ଏଥି ସହିତ ସମ୍ବନ୍ଧିତ ଅନ୍ୟ କେଉଁ ପଙ୍‌କ୍ତି ରହିଛି ତେବେ ଆମେ କହିବୁ ଯେ ଏହି ପଙ୍‌କ୍ତିଟି ଉଲ୍ଲେଖ ଅଛି;

مَا دُعَآءُ الْكٰفِرِيْنَ اِلَّا فِيْ ضَلٰلٍ

**ମାଦୁଆଉଲ୍ କାଫିରିନା ଇଲ୍ଲା ଫିଜଲାଲ୍** (ଅଲ୍ ମୋମିନ୍ 40:51) ଯେହେତୁ ଏହି ଆଶଙ୍କା ରହିଛି ଯେ କେତେକ ମନ୍ଦବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଏହି ବିଜ୍ଞାପନର ଅସଲ ଉଦ୍ଦେଶ୍ୟ ବୁଝିବାରେ ଭ୍ରମିତ ହୋଇଛନ୍ତି, ତେଣୁ ଆମେ ପୁନଃ ନିଜର ଆହ୍ୱାନ ଦେବା କର୍ତ୍ତବ୍ୟକୁ ଜଗାଇ ଦେଉଛୁ । ତାହା ହେଉଛି ଏହି ପ୍ଲେଗ୍ ଯାହା ଦେଶର ଚାରିଆଡ଼େ ବ୍ୟାପି ଯାଇଛି, ତାହା ଅନ୍ୟ କୌଣସି କାରଣରୁ ନୁହେଁ, ବରଂ ତାହାର ଏକ ମାତ୍ର କାରଣ ଏହି ଯେ ଲୋକମାନେ ଈଶ୍ୱର ପ୍ରେରିତଙ୍କୁ ସ୍ୱୀକାର କରିବାକୁ ମନା କରିଦେଲେ, ଯେ କି ସମସ୍ତ ଅବତାରଙ୍କ ଭବିଷ୍ୟତବାଣୀ ଅନୁଯାୟୀ ସଂସାରର ୭ମ ହଜାର ବର୍ଷରେ ପ୍ରକଟ ହେଲେ । ଲୋକମାନେ ନା କେବଳ ତାଙ୍କୁ ଅମାନ୍ୟ କଲେ, ବରଂ ପ୍ରଭୁଙ୍କର ଏହି ମସିହଙ୍କୁ ଗାଳିଗୁଲଜ କଲେ, 'କାଫିର୍' ଆଖ୍ୟା ଦେଲେ, ହତ୍ୟା କରିବାକୁ ଚେଷ୍ଟା କଲେ ଏବଂ ଯେପରି ଚାହିଁଲେ ତାଙ୍କ ସହିତ ଆଚରଣ କଲେ । ତେଣୁ ଈସ୍ୱରଙ୍କ ସ୍ୱାଭିମାନ ଇଚ୍ଛା କଲା ଯେ ସେମାନଙ୍କର ଏହି ଧୃଷ୍ଟତା, ଅସଭ୍ୟ ଓ ଅସଦାଚରଣ ପ୍ରତି ତାଙ୍କୁ ଚେତାବନୀ ଦେବେ । ପରମେଶ୍ୱର ପ୍ରଥମରୁ ନିଜ ପବିତ୍ର ଗ୍ରନ୍ଥରେ ସମ୍ବାଦ ଦେଇଥିଲେ ଯେତେବେଳେ ମସିହ ପ୍ରକଟ ହେବେ ସେତେବେଳେ ଲୋକମାନେ ଅମାନ୍ୟ କରିବା ଯୋଗୁଁ ଏହି ଦେଶରେ ଭୀଷଣ ପ୍ଲେଗ୍‌ର ମଡ଼କ ପଡ଼ିବ । ତେଣୁ ଏହି ଧାର୍ଯ୍ୟ ବିଧାନ ପୂରଣ ହେବା ଅନିବାର୍ଯ୍ୟ ଥିଲା । ଏବଂ ଏହି ମହାମାରୀ 'ତାଉନ୍'ର ଏପରି ନାମକରଣ ଏଥିପାଇଁ କରାଯାଇଛି ଯେ ଏହା ତାଉନ୍ ଅର୍ଥାତ କଟାକ୍ଷକାରୀଙ୍କ ପାଇଁ ଉତ୍ତର । ଇସ୍ରାଇଲୀୟ ଜାତିରେ ସର୍ବଦା କଟାକ୍ଷ କରିବା ସମୟରେ ହିଁ ପ୍ଲେଗ୍ ରୋଗ ବ୍ୟାପୁଥିଲା । ଆରବୀ ଶବ୍ଦକୋଷରେ ତାଉନ୍‌ର ଅର୍ଥ ବଡ଼ କଟୁଭାଷୀ ଅଟେ । ଏହା ଏଥିପ୍ରତି ସଙ୍କେତ ଦେଉଛି ଯେ ଏହି ପ୍ଲେଗ୍ ରୋଗ ବ୍ୟଙ୍ଗ ବିଦ୍ରୁପ ଓ କଟାକ୍ଷ'ର ପ୍ରାରମ୍ଭିକ ଅବସ୍ଥାରେ ପଡ଼େ ନାହିଁ । ବରଂ ଯେତେବେଳେ ପ୍ରଭୁଙ୍କ ନିର୍ଦ୍ଦେଶିତ ଓ ବାର୍ତ୍ତାବହଙ୍କୁ ଅଧିକ ସନ୍ତାପିତ କରାଯାଏ ଏବଂ ତାଙ୍କୁ ତିରସ୍କାର କରିବାରେ ଅମାନ୍ୟକାରୀଗଣ ସୀମା ଲଙ୍ଘନ କରିଥା'ନ୍ତି ସେତେବେଳେ ଏକ ଶାସ୍ତି ଅବତୀର୍ଣ୍ଣ ହୋଇଥାଏ ।

ତେଣୁ ହେ ପ୍ରିୟଜନ! ଏହା ବ୍ୟତୀତ ସେମାନଙ୍କ ସକାଶେ ଅନ୍ୟ କୌଣସି ପ୍ରତିକାର ନାହିଁ, ଯେ ଏହି ମସିହଙ୍କୁ ପବିତ୍ର ହୃଦୟ ଓ ନିଷ୍ଠାର ସହିତ

ସ୍ୱୀକାର କରିନିଅ । ଏହା ସୁନିଶ୍ଚିତ ଉପଚାର ଏବଂ ଏହା ଠାରୁ ଏକ ନିମ୍ନ ସ୍ତରର ଉପଚାର ହେଉଛି ଯେ ତାଙ୍କର ଅସ୍ୱୀକାର ପ୍ରତି ନୀରବତା ଅବଲମ୍ବନ କରାଯାଉ ଏବଂ ଅପଶବ୍ଦ ଓ କଟୁଭାଷା କହିବାରୁ ବିରତ ରହି ହୃଦୟରେ ତାଙ୍କର ମର୍ଯ୍ୟାଦାକୁ ସ୍ଥାନ ଦିଆଯାଉ । ମୁଁ ସତ ସତ କହୁଛି ଯେ ସେହି ସମୟ ଖୁବ୍ ନିକଟତର ବରଂ ଆଗତ ପ୍ରାୟ, ଯେତେବେଳେ ଲୋକମାନେ **ୟା ମସିହୁଲ୍ ଖଲକ୍ ଅଦୁନା** କହି ମୋ ଆଡ଼କୁ ଦୌଡ଼ି ଆସିବେ । ପ୍ରକାଶ ଥାଉ ଯେ ପ୍ରଭୁଙ୍କ ମୁଖନିଃସୃତ ବାଣୀ ଏହାର ଅର୍ଥ ହେ ମାନବ ! ସୃଷ୍ଟି ଜଗତ ପାଇଁ ମସିହ ପ୍ରେରଣ କରାଯାଇଛି, ଆମକୁ ଏହି ମାରାତ୍ମକ ରୋଗ ଦାଉରୁ ଉଦ୍ଧାର କରିବା ପାଇଁ ସୁପାରିଶ କର । ତୁମେ ନିଶ୍ଚିତ ରୂପେ ବୁଝିନିଅ ଯେ ଆଜି ତୁମମାନଙ୍କ ନିମନ୍ତେ ମସିହଙ୍କ ବ୍ୟତିରେକେ ଅନ୍ୟ କେହି କ୍ଷମା ଯାଚନାକାରୀ ଓ ସୁପାରିଶକର୍ତ୍ତା ନାହାନ୍ତି । ହଁ ତାଙ୍କର ସୁପାରିଶ କରିବା, ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ସୁପାରିଶ ଠାରୁ ଭିନ୍ନ ନୁହେଁ । ବରଂ ମସିହଙ୍କ କ୍ଷମାଯାଚନା କରିବା ପ୍ରକୃତ ପକ୍ଷେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ କ୍ଷମାଯାଚନା କରିବା ଅଟେ । ହେ ଖ୍ରୀଷ୍ଟ ପାଦ୍ରୀଗଣ ! ବର୍ତ୍ତମାନ رَبُّنَاالْمَسِيح **ରବ୍‌ବୁନଲ୍ ମସିହ୍** କୁହ ନାହିଁ । ଦେଖ ଆଜି ତୁମମାନଙ୍କ ଗହଣରେ ଜଣେ ମସିହ ଉପସ୍ଥିତ, ଯେ କି ତୁମର ସେହି ମସିହଙ୍କ ଅପେକ୍ଷା ଶ୍ରେୟସ୍କର । ହେ ଶିଆ ଗୋଷ୍ଠୀ ! ଏହି କଥାରେ ଅଝଟ କର ନାହିଁ ଯେ ହୁସେନ୍ ତୁମର ଉଦ୍ଧାରକର୍ତ୍ତା । କାରଣ ମୁଁ ସତ ସତ କହୁଅଛି ଯେ ଆଜି ତୁମମାନଙ୍କ ମଧ୍ୟରେ ଜଣେ ଉପସ୍ଥିତ, ଯେ ସେହି ହୁସେନ୍ ଠାରୁ ଶ୍ରେୟସ୍କର । ଯଦି ମୁଁ ନିଜ ଆଡ଼ୁ ଏସବୁ କଥା କହୁଛି, ତେବେ ମୁଁ ମିଥ୍ୟାବାଦୀ । କିନ୍ତୁ ଯଦି ମୋ ସହିତ ସେହି ପରମ ସତ୍ତାଙ୍କର ସାକ୍ଷ୍ୟ ରହିଛି, ତେବେ ତୁମେମାନେ ସେହି ପରାକ୍ରମୀ ପରମେଶ୍ୱରଙ୍କ ମୁକାବିଲା କର ନାହିଁ । ଏପରି ନହେଉ ଯେ ତୁମେ ତାଙ୍କ ସହିତ ଲଢିବା ପାଇଁ ପ୍ରସ୍ତୁତ ହୋଇଯିବ । ବର୍ତ୍ତମାନ ମୋ ଆଡ଼କୁ ଦୌଡ଼ି ଚାଲିଆସ ! ଯେଉଁ ବ୍ୟକ୍ତି ଏତିକି ବେଳେ ମୋ ଆଡ଼କୁ ଧାଇଁ ଆସିବ, ମୁଁ ତାହାକୁ ସେହି ବ୍ୟକ୍ତି ସଦୃଶ ମଣୁଅଛି ଯେ ଠିକ୍ ଝଡ଼ବାତ୍ୟା ସମୟରେ ଜାହାଜରେ ଯାଇ ଆରୋହଣ କରିନେଲା । କିନ୍ତୁ ଯେଉଁ ବ୍ୟକ୍ତି ମୋତେ ସ୍ୱୀକାର କରୁ ନାହିଁ, ମୁଁ ଦେଖୁଛି ଯେ ସେ ନିଜକୁ ଘୋର ତୋଫାନ ମଧ୍ୟରେ ପକାଇ ଦେଇଛି ଏବଂ ତାହା ନିକଟରେ ସେଥିରୁ ବର୍ତ୍ତି ଆସିବାର କୌଣସି ବାଟ ନାହିଁ । ପ୍ରକୃତ ଉଦ୍ଧାରକର୍ତ୍ତା ହେଉଛି

ମୁଁ, ଯେ କି ସେହି ମହାନ ସୁପାରିଶକର୍ତ୍ତାଙ୍କର ପ୍ରତିବିମ୍ବ ଯାହାଙ୍କୁ ଚଳିତ ଯୁଗର ଦୃଷ୍ଟିହୀନ ବ୍ୟକ୍ତିମାନେ ଗ୍ରହଣ କଲେ ନାହିଁ ଏବଂ ହଜରତ ମୁହମ୍ମଦ [ସ.ଅ]ଙ୍କର ଘୋର ତିରସ୍କାର କଲେ । ତେଣୁ ବର୍ତ୍ତମାନ ଈଶ୍ୱର ସେହି ପାପର ଗୋଟିଏ ଶବ୍ଦରେ ପାଦ୍ରୀମାନଙ୍କର ପ୍ରତିଶୋଧ ନେଲେ । କାରଣ ଖ୍ରୀଷ୍ଟ ପାଦ୍ରୀମାନେ ମରିୟମ ନନ୍ଦନ ଯୀଶୁଙ୍କୁ ଈଶ୍ୱରଙ୍କ ସ୍ଥାନ ଦେଇ ବସିଛନ୍ତି ଅଥଚ ଆମର ମହାମହିମ ମୁନିବ ତଥା ପ୍ରକୃତ ଉଦ୍ଧାରକର୍ତ୍ତାଙ୍କୁ ଗାଳିଗୁଲଜ କରୁଛନ୍ତି ଏବଂ କଦର୍ଯ୍ୟଗାଳି ପୂର୍ଣ୍ଣ ପୁସ୍ତକମାନଙ୍କରେ ଭୂପୃଷ୍ଠକୁ ଅପବିତ୍ର କରିଦେଇଛନ୍ତି । ସେଥିପାଇଁ ସେହି ମସିହଙ୍କ ମୁକାବିଲାରେ ଯାହାଙ୍କ ନାମ ପରମେଶ୍ୱର ରଖାଯାଇଛି, ଈଶ୍ୱର ଏହି ସମ୍ପ୍ରଦାୟରେ ମସିହ ମଉଦଙ୍କୁ ପ୍ରେରଣ କରିଛନ୍ତି, ଯିଏ କି ପ୍ରଥମ ମସିହଙ୍କ ଠାରୁ ସକଳ ମହିମାରେ ଉତ୍କୃଷ୍ଟତର ଏବଂ ସେ ଏହି ଦ୍ୱିତୀୟ ମସିହଙ୍କ ନାମ 'ଗୁଲାମ ଅହମଦ' ରଖିଛନ୍ତି । ଯଦ୍ୱାରା ଏହାର ସଙ୍କେତ ମିଳିଯିବ ଯେ ଖ୍ରୀଷ୍ଟିୟାନମାନଙ୍କ ମସିହ କିପରି ଈଶ୍ୱର, ଯେ କି ଅହମଦଙ୍କର ଏହି ସାମାନ୍ୟତମ ଦାସଙ୍କର ମଧ୍ୟ ମୁକାବିଲା କରିପାରିବ ନାହିଁ ଅର୍ଥାତ ସେ ଏପରି ମସିହ, ଯେ ନିଜର ସାନିଧ୍ୟ ଲାଭ କରିବାରେ ଓ ସୁପାରିଶକାରୀଙ୍କ ପଦମର୍ଯ୍ୟାଦାର ସ୍ତର ଅହମଦଙ୍କ ଦାସ ଠାରୁ ମଧ୍ୟ ବହୁତ କମ୍ ।

ହେ ପ୍ରିୟଜନ ! ଏହି କଥାରେ କ୍ରୋଧିତ ହେବା ଉଚିତ୍ ନୁହେଁ । ଯଦି ତୁମେ ଅହେମଦଙ୍କ ଏହି ଦାସ ଯାହାଙ୍କୁ ମସିହ ମଉଦ କରି ପ୍ରେରଣ କରାଯାଇଛି, ତାହାଙ୍କୁ ପ୍ରଥମ ମସିହ ଠାରୁ ଉତ୍ତମ ମଣୁ ନାହଁ ଏବଂ ତାହାଙ୍କୁ ସୁପାରିଶକାରୀ ଓ ମୁକ୍ତିଦାତା ସାବ୍ୟସ୍ତ କରୁଛ, ତେବେ ବର୍ତ୍ତମାନ ନିଜ କଥନର ପ୍ରମାଣ ଦିଅ । ଯେପରି ସେହି ଅହମଦଙ୍କ ଦାସ ପ୍ରସଙ୍ଗରେ ପ୍ରଭୁ ଦର୍ଶାଇଛନ୍ତି;

انہ اوی القریۃ لو لا الاکرام لھلک المقام

**ଅନ୍‌ନହୁ ଅଓ୍ୱଲ୍ କର୍‌ୟତା ଲୌଲା ଇକ୍‌ରାମ ଲହଲକଲ୍ ମୁକାମ୍** ଯାହାର ଅର୍ଥ ପ୍ରଭୁ ଏହି ଉଦ୍ଧାରକର୍ତ୍ତାଙ୍କ ଗୌରବ ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ଗ୍ରାମ କାଦିୟାନକୁ ପ୍ଲେଗ୍‌ର ପ୍ରକୋପରୁ ସୁରକ୍ଷିତ ରଖିଲେ, ଯେପରିକି ସେ ୫/୬ବର୍ଷ ପୂର୍ବରୁ ସୁରକ୍ଷିତ ରହିଛି ଏବଂ ଯଦି ମୁଁ ସେହି ଅହମଦଙ୍କ ଗୁଲାମ (ଦାସଙ୍କର) ଗାରିମା ଓ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାକୁ ପ୍ରୟାସ କରି ନଥା'ନ୍ତି ତେବେ ଆଜି କାଦିୟାନରେ ମଧ୍ୟ

ବ୍ୟାପକ କ୍ଷୟକ୍ଷତି ଘଟିଥାନ୍ତା । ଏହିପରି ଯଦି ତୁମେ ମରିୟମ ନନ୍ଦନ ମସିହଙ୍କୁ ପ୍ରକୃତ ଉଦ୍ଧାରକର୍ତ୍ତା ଓ ମୁକ୍ତିଦାତା ସାବ୍ୟସ୍ତ କରୁଅଛ, ତେବେ କାଦିୟାନର ମୁକାବିଲାରେ ପଞ୍ଜାବର ଅନ୍ୟ କୌଣସି ସହରର ନାମ* ନିଅ, ଯେ ଅମୁକ ସହର ଆମ ପ୍ରଭୁ ମସିହଙ୍କ କଲ୍ୟାଣ ଓ ସୁପାରିଶ କରିବା ଯୋଗୁଁ ପ୍ଲେଗ୍‌ର ପ୍ରକୋପରୁ ସୁରକ୍ଷିତ ଓ ପବିତ୍ର ରହିବ । କିନ୍ତୁ ଯଦି ସେ ଏପରି କରି ନପାରନ୍ତି, ତେବେ ଆପଣମାନେ ଚିନ୍ତା କରନ୍ତୁ ଯେଉଁ ବ୍ୟକ୍ତିର ଏହି ସଂସାରରେ ସୁପାରିଶ ପ୍ରମାଣ ସିଦ୍ଧ ହୋଇ ନାହିଁ, ସେ ପରକାଳରେ କିପରି ସୁପାରିଶ କରିବେ । ପୁଣି ମିଆଁ ଶମସୁଦ୍ଦିନ ସାହେବ ମନେରଖନ୍ତୁ ଯେ ତାଙ୍କ ବିଜ୍ଞାପନ ନିରର୍ଥକ ମାତ୍ର । ସେଥିରୁ କୌଣସି ଉପକାର ମିଳିବ ନାହିଁ ଏବଂ (ତାହାର) ଉପଚାର କେବଳ ସେତିକି, ଯାହା ଆମେ ଉପରେ ଉଲ୍ଲେଖ କରି ଆସିଲୁ । ସେ ମନେପକାନ୍ତୁ ଏହା ପୂର୍ବରୁ ମଧ୍ୟ ପ୍ରଶାସନ ଓ ତାଙ୍କ ସଂସ୍ଥା (ଅଞ୍ଜୁମନ) ମୋର ପ୍ରତିଦ୍ୱନ୍ଦୀତା କରି ଅପମାନିତ ଓ ନିନ୍ଦିତ ହୋଇ ସାରିଛନ୍ତି ଯାହା ଫଳରେ ସେ ଲେଖନୀ **ଉମ୍ମୁହାତୁଲ୍ ମୁମିନୀନ୍** ପ୍ରସଙ୍ଗରେ ସରକାରଙ୍କ ନିକଟରୁ ଶାସ୍ତି ଭିକ୍ଷା କଲେ ଏବଂ ମୁଁ ତାଙ୍କୁ ବାରଣ କଲି । ପରିଶେଷରେ ମୋର ମତ ହିଁ ସଠିକ୍ ସାବ୍ୟସ୍ତ ହେଲା । ଏହିପରି ବର୍ତ୍ତମାନ ମଧ୍ୟ ଯାହା ସେମାନେ ଐଶ୍ୱରିକ ଶାସନରେ ସ୍ମାରକୀ (ମେମୋରିୟଲ୍) ପ୍ରେରଣ କରିବାକୁ ଚାହିଁଲେ ତାହା ମଧ୍ୟ ନିରର୍ଥକ, ଅମୂଳକ ଓ ପ୍ରଭାବଶୂନ୍ୟ ହୋଇଛି । ଯେପରିକି ପ୍ରଥମ ସ୍ମାରକୀ ହୋଇଥିଲା । ସଠିକ୍ ସ୍ମାରକୀର ପଦ ଯାହା ମୋ ଦ୍ୱାରା ପ୍ରସ୍ତାବିତ । ପରିଶେଷରେ ଆପଣଙ୍କୁ ତାହା ସ୍ୱୀକାର କରିବାକୁ ପଡ଼ିବ ।

ଏଠାରେ ମୌଲବୀ ଅହମଦ ହୁସେନ ସାହେବ ଅମରୋହିଙ୍କୁ ଆମର ପ୍ରତିଦ୍ୱନ୍ଦୀତା କରିବା ପାଇଁ ସଅବସର ପ୍ରାପ୍ତ ହୋଇଛି ।

**ହର ଚେ ଦାନା କୁନଦ୍ ନାଦାଁ    ଲେକ୍ ବାଦ୍ ଅଯ୍ କମାଲ ରୁସୱାଇ**

ଆମେ ଶୁଣିଛୁ ସେ ମଧ୍ୟ ଅନ୍ୟ ମୌଲବୀମାନଙ୍କ ପରି ନିଜ ଅନେକେଶ୍ୱରବାଦର ସିଦ୍ଧାନ୍ତକୁ ସମର୍ଥନ କରିବା ଦ୍ୱାରା ମରିୟମ ନନ୍ଦନ ଯୀଶୁଙ୍କର ମୃତ୍ୟୁବରଣ ହୋଇଯାଇ ଥିବାରୁ ବଞ୍ଚାଇ ଦେବେ ଏବଂ ପୁନର୍ବାର ତାଙ୍କୁ ଆକାଶରୁ ଅବତରଣ କରାଇ ଖାତମୁଲ୍ ଅମ୍ବିୟା (ଶେଷ ନବୀ) କରିଦେବେ ଯେଉଁଥିପାଇଁ ସେମାନେ ଘନ

* ପାଦଟୀକା- ଉଦାହରଣ ସ୍ୱରୂପ ନାରୋୱାଲ୍ ଅବା ବଟାଲାର ନାମ ନେଇନିଅନ୍ତୁ ।

ଘନ ପ୍ରୟାସ କରୁଛନ୍ତି । ସେମାନଙ୍କୁ ଏକଥା ଅତ୍ୟନ୍ତ କଦର୍ଯ୍ୟ ମନେହେଉଛି ଯେ ସୁରଃ ନୁର ଅନୁଯାୟୀ ଓ ସହି ବୁଖାରୀର ଉକ୍ତି إمامكم منكم **ଇମାମକୁମ୍ ମିନ୍‌କୁମ୍** ଅନୁଯାୟୀ ତଥା ମୁସଲିମ୍‌ର ଉକ୍ତି أمّكم منكم **ଅମ୍‌ମାକୁମ୍ ମିନ୍‌କୁମ୍** ଅନ୍ତର୍ଗତ ଏହି ସମ୍ପ୍ରଦାୟରେ ମସିହ ମଉଦଙ୍କର ଅବିର୍ଭାବ ହେଉ । ଯଦ୍ୱାରା ମୁସୀୟ ସମ୍ପ୍ରଦାୟର ମସିହଙ୍କ ତୁଳନାରେ ମୁହମ୍ମଦୀୟ ସମ୍ପ୍ରଦାୟର ମର୍ଯ୍ୟାଦା ଓ ଗୌରବ ସମଗ୍ର ବିଶ୍ୱରେ ଚମକାଇ ଦେବେ ବରଂ ଏହି ମୌଲବି ସାହେବ ନିଜର ଅନ୍ୟ ଭାଇମାନଙ୍କ ପରି ଏହା ଚାହୁଁଛନ୍ତି ଯେ ସେହି ମରିୟମ୍ ପୁତ୍ର ଯାହାଙ୍କୁ ସ୍ୱୟଂ ଈଶ୍ୱର କରିଦେଇ ପାଖାପାଖି ୫୦କୋଟି ଲୋକଙ୍କୁ ପଥଭ୍ରଷ୍ଟତାର ପଙ୍କୁଆ ଜଳାଶୟ ମଧ୍ୟରେ ବୁଡ଼ାଇ ରଖାଯାଇଛି । ସେହି ଯୀଶୁ ପୁନର୍ବାର ଦେବଦୂତଙ୍କ କାନ୍ଧ ଉପରେ ହାତ ରଖି ଓହ୍ଲାଇବେ ଏବଂ ପ୍ରଭୁ ପରାକ୍ରମର ଏକ ଅଭିନବ ଦୃଶ୍ୟ ଦେଖାଇ ଆଉ ୫୦କୋଟିଙ୍କୁ ଭ୍ରମିତ କରିଦେବେ । କାରଣ ତାଙ୍କୁ ଆକାଶରେ ଚଢିବାର ତ କେହି ଦେଖିନାହାନ୍ତି, ଯେପରି କଥନ ରହିଛି ପିରା ନମେଁ ପରିନ୍ଦ୍ ମୁରିଦାଁ ମେ ପରାନନ୍ଦ୍ । ଅର୍ଥାତ ପିର୍ ତ ନିଜେ ଉଡ଼ନ୍ତି ନାହିଁ କିନ୍ତୁ ତାଙ୍କ ଅନୁଗାମୀ ହିଁ ତାଙ୍କୁ ଉଡ଼ାଇଥା'ନ୍ତି । କିନ୍ତୁ ବର୍ତ୍ତମାନ ତ ସମଗ୍ର ସଂସାରବାସୀ ତାଙ୍କୁ ଦେବଦୂତଙ୍କ ସାଥିରେ ଅବତୀର୍ଣ୍ଣ ହେବାର ଦେଖିନେବେ ଏବଂ ପାଦ୍ରୀମାନେ ଆସି ମୌଲବୀମାନଙ୍କ ଗଳା ଚିପି କହିବେ ଯେ କ'ଣ ଆମେ ଏହା କହୁ ନଥିଲୁ ଯେ ୟେ ହିଁ ଈଶ୍ୱର ? ତେବେ ସେହି ଅଶୁଭ ବେଳାରେ ଇସଲାମର ଅବସ୍ଥା କ'ଣ ହେବ ? କ'ଣ ଇସଲାମ ସଂସାରରେ ନିଜର ଅସ୍ତିତ୍ୱ ହରାଇବ ? لعنت الله على الكاذبين **ଲାନତୁଲ୍ଲାହି ଅଲଲ୍ କାଜିବିଈନ୍** (ମିଥ୍ୟାବାଦୀଙ୍କ ଉପରେ ଈଶ୍ୱରଙ୍କ ଅଭିଶାପ ପଡୁ) ଯେଉଁ ବ୍ୟକ୍ତିର କବର (ସମାଧି) କାଶ୍ମୀର ରାଜ୍ୟର ଶ୍ରୀନଗରସ୍ଥିତ ଖାନିୟାର ସାହିରେ ରହିଛି, ତାହାକୁ ଅକାରଣରେ ଆକାଶରେ ନେଇ ବସାଇଛନ୍ତି । ଏହା କେତେ ଅନ୍ୟାୟ ? ପ୍ରଭୁ ତ ନିଜ ପ୍ରତିଶୃତି ରକ୍ଷା କରିବାରେ ସଂପୂର୍ଣ୍ଣ ରୂପେ ସମର୍ଥ୍ୟ । ସେ ତ ସର୍ବଶକ୍ତିମାନ କିନ୍ତୁ (ଏପରି) ବ୍ୟକ୍ତିକୁ ସେ କୌଣସି ମତେ ସଂସାରକୁ ପୁନରାୟ ଫେରାଇ ଆଣି ପାରିବେ ନାହିଁ । ଯାହା ପୂର୍ବରୁ ଚରମ ବିଶୃଙ୍ଗଳା ଦ୍ୱାରା ସଂସାରକୁ ଧ୍ୱଂସ କରିଦେଇଛି । ଏହି ମୌଲବି ଇସଲାମର ନିର୍ବୋଧ ମିତ୍ରମାନଙ୍କୁ କ'ଣ ବା ଜଣା ଯେ ଏଭଳି ଆସ୍ଥା ପୋଷଣ କରିବା ଦ୍ୱାରା ଖ୍ରୀଷ୍ଟିୟାନମାନଙ୍କୁ କିପରି ସମର୍ଥନ ମିଳିଯାଇଛି ।

ବର୍ତ୍ତମାନ ଈଶ୍ୱର ମରିୟମ ନନ୍ଦନ ଯୀଶୁଙ୍କୁ କୌଣସି ନୂତନ ଶ୍ରେଷ୍ଠତ୍ୱ ପ୍ରଦାନ କରିବାକୁ ଚାହାନ୍ତି ନାହିଁ । ବରଂ ପୂର୍ବରୁ ଯେପରି ହଜରତ ଯୀଶୁ ମସିହଙ୍କ ପ୍ରଶଂସା କରିବା ପ୍ରସଙ୍ଗରେ ଅତିଶୟତା ଅବଲମ୍ବନ କରାଯାଉଥିଲା ତାହା ମଧ୍ୟ ଈଶ୍ୱରଙ୍କୁ ନାପସନ୍ଦ ଥିଲା । ସେଥିପାଇଁ ତାଙ୍କୁ ଏହା ଦର୍ଶାଇବାକୁ ପଡ଼ିଲା;

ءَاَنْتَ قُلْتَ لِلنَّاسِ **ଆଅନ୍‌ତା କୁଲ୍‌ତା ଲିନ୍ନାସ** (ଅଲ୍ ମାଇଦା 5:117)

ସୁତରାଂ ଏବେ ଆକାଶ ଆଡ଼କୁ ଚାହିଁ ବସିବା ଯେ ମରିୟମ ନନ୍ଦନ ଯୀଶୁ କେବେ ଆକାଶରୁ ଓହ୍ଲାଇବେ, ଏକ ନିହାତି ନିର୍ବୋଧତା । କିନ୍ତୁ ମୋ ପୂର୍ବରୁ ଯେଉଁ ଯେଉଁ ବିଦ୍ୱାନଗଣ ନିଜର ବିବେକହୀନ ତ୍ରୁଟି ବଶତଃ ଏଭଳି ଚିନ୍ତାଧାରା ପୋଷଣ କରି ଆସୁଥିଲେ ଯେ ମରିୟମ ନନ୍ଦନ ଯୀଶୁ ଆକାଶ ମାର୍ଗରୁ ଅବତରଣ କରିବେ, ସେ ପ୍ରଭୁଙ୍କ ନିକଟରେ ନିଜର ଅସମର୍ଥତା ପ୍ରକାଶ କରିଛନ୍ତି । ତାଙ୍କୁ ଦୁର୍ଜନ କହିବା ଉଚିତ ନୁହେଁ! ତାଙ୍କ ମନରେ ଆବିଳତା ନଥିଲା, ହଁ ମନୁଷ୍ୟର ମାନସିକ ସ୍ୱଭାବରେ ଦୁର୍ବଳତା ବଶତଃ ପାଶୋରି ବସିଥିଲେ । ପ୍ରଭୁ ତାଙ୍କୁ କ୍ଷମା କରନ୍ତୁ, କାରଣ ତାଙ୍କୁ ଅବଗତ କରାଯାଇ ନଥିଲା ଏବଂ ତାଙ୍କର ପ୍ରଚେଷ୍ଟାତ୍ମକ ତ୍ରୁଟୀ ଏପରି ଥିଲା, ଯେପରି ଦାଉଦ ଗନମୁଲ୍ ଜାତି ସଂକ୍ରାନ୍ତରେ ଅଜ୍ଞାତ ତ୍ରୁଟୀ ପରିଲକ୍ଷିତ ହୋଇଥିଲା । କିନ୍ତୁ ତାଙ୍କ ପୁତ୍ର ସୁଲେମାନଙ୍କୁ ପ୍ରଭୁ ବ୍ରହ୍ମଜ୍ଞାନ ପ୍ରଦାନ କରିଥିଲେ । ଯେପରିକି ଆଜି ଠାରୁ ୨୨ବର୍ଷ ପୂର୍ବରୁ ତାଙ୍କ ସମ୍ବନ୍ଧରେ ବରାହିନେ ଅହମଦିୟା ପୁସ୍ତକର ଶେଷ ପୃଷ୍ଠାରେ ଐଶ୍ୱୀବାଣୀ ففهمناهاسلیمان **ଫାଫହିମ୍‌ନାହା ସୁଲେମାନ୍** ଉଲ୍ଲେଖ ରହିଛି । ଏହାର ଅର୍ଥ, ଯେପରିକି ବରାହିନେ ଅହମଦିୟାରୁ ପ୍ରକାଶ୍ୟ ହେଉଛି ଯେ ଲୋକମାନେ ଏହି ଅଭିଯୋଗ କରିଥାନ୍ତି, ଯେପରିକି କୁରଆନ ଓ ହଦିସ୍‌ର ଯେଉଁ ବ୍ୟାଖ୍ୟା ତୁମେମାନେ କରୁଛ, କ'ଣ ତାହା ପୂର୍ବର ବିଦ୍ୱାନ ଓ ଧାର୍ମିକ ପଣ୍ଡିତମାନଙ୍କର ଜ୍ଞାତ ସାରରେ ନଥିଲା, ଯାହା ତୁମକୁ ଜ୍ଞାତ ହୋଇଗଲା ? ଏହାର ଉତ୍ତର ଅଲ୍ଲାଃତାଲା ଏହିପରି ଦେଉଛନ୍ତି ଯେ ହଁ, ବାସ୍ତବରେ ଏହା ହିଁ ଘଟିଲା ଯାହା ଘଟିବା କେବେ ଅସମ୍ଭବ ନୁହେଁ । ତୁମର ଉଲେମା (ଧର୍ମଗୁରୁ) ଓ ପଣ୍ଡିତଗଣ କୌଣସି ଅବତାର ତ ନଥିଲେ କିନ୍ତୁ ହଜରତ ଦାଉଦ[ଅ.ସ] ଅବତାର ହୋଇ ମଧ୍ୟ ଗୋଟିଏ ନିଷ୍ପତ୍ତି ଦେବାରେ ତ୍ରୁଟୀ କରି ବସିଥିଲେ ଏବଂ ପ୍ରଭୁ ହଜରତ ସୁଲେମାନ ଓ ତାଙ୍କ ପୁତ୍ରଙ୍କୁ ନ୍ୟାୟୋଚିତ

ନିଷ୍ପତ୍ତି ନେବାର ଶୈଳୀ ଶିଖାଇ ଦେଇଥିଲେ । ଅତଏବ ଏହି ସୁଲେମାନ ଯାହାଙ୍କୁ ମସିହ ମଉଦ ରୂପେ ମନୋନୀତ କରାଯାଇଛି, ସେହି ପ୍ରକାରେ ତୁମ ବରିଷ୍ଠମାନଙ୍କ ମୁକାବିଲାରେ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇଛନ୍ତି, ଯେପରି ସୁଲେମାନ ନବୀ ସେହି ନିଷ୍ପତ୍ତିରେ ନିଜ ପିତା ଦାଉଦଙ୍କ ମୁକାବିଲାରେ ସତ୍ୟ ଉପରେ ବିଦ୍ୟମାନ ଥିଲେ ।

ଯଦି ମୌଲବି ଅହମଦ ହୁସେନ ସାହେବ କୌଣସି ମତେ ନିଜ ଆଚରଣ ପରିବର୍ତ୍ତନ ନକରନ୍ତି, ତେବେ ବର୍ତ୍ତମାନ ସମୟ ଆସିଯାଇଛି ଯେ ଐଶୀ ନିଷ୍ପତ୍ତି ଦ୍ୱାରା ତାଙ୍କୁ ସତ୍ୟ ଜ୍ଞାତ ହୋଇଯିବ । ଅର୍ଥାତ ଯଦି ସେ ମୋତେ ମିଥ୍ୟାବାଦୀ ମନେ କରୁଛନ୍ତି, ମୋର ଐଶୀବାଣୀଗୁଡ଼ିକୁ ମନୁଷ୍ୟର ମନଗଢା ବୋଲି ଭାବୁଛନ୍ତି । ଯାହା ତାଙ୍କ ଦୃଷ୍ଟିରେ ପରମେଶ୍ୱରଙ୍କର ବାଣୀ ନୁହେଁ, ତେବେ ଏହାର ନିଷ୍ପତ୍ତି କରିବା ନିମନ୍ତେ ସବୁଠାରୁ ସରଳ ଉପାୟ ହେଉଛି କି ଯେପରି ମୁଁ ଈଶ୍ୱରଙ୍କ ଠାରୁ ଐଶୀବାଣୀ ପ୍ରାପ୍ତ କରିଥିବାର ଘୋଷଣା କରିଛି;

انّہ اوی القریۃ لو لا الا کرام لھلک المقام

**ଅନ୍ନହୁ ଆଓଲ୍ କର୍‌ୟତା ଲୌଲା ଇକରାମ୍ ଲହଲକଲ୍ ମୁକାମ୍** (ଏହା) ଲେଖି ଦିଅନ୍ତି, କାରଣ ବିଶ୍ୱାସକାରୀଙ୍କ ପ୍ରାର୍ଥନା ତ ପ୍ରଭୁ ଅବଶ୍ୟ ଶୁଣିଥାନ୍ତି । ଅଥଚ ସେହି ବ୍ୟକ୍ତି କେଉଁ ସ୍ତରର ବିଶ୍ୱାସକାରୀ, ଯାହାର ମୁକାବିଲାରେ ତାହାର ପ୍ରାର୍ଥନା ଗୃହୀତ ହୋଇଯାଇଛି । ଯାହାର ନାମ ସେ ଦଜ୍ଜାଲ୍ (ପ୍ରତାରକ) ଓ ବିଶ୍ୱାସଘାତକ ତଥା ମିଥ୍ୟାବାଦୀ ରଖିଛନ୍ତି । କିନ୍ତୁ ଅପର ପକ୍ଷେ ସେହି ବ୍ୟକ୍ତିର ନିଜସ୍ୱ ପ୍ରାର୍ଥନା ଗ୍ରହଣ କରାଯାଉ ନାହିଁ । ସୁତରାଂ ଯେଉଁ ଅବସ୍ଥାରେ ମୋର ପ୍ରାର୍ଥନା ଗ୍ରହଣ କରି ପରମେଶ୍ୱର କହିଦେଲେ ଯେ ମୁଁ କାଦିୟାନକୁ ଏହି ବିନାଶରୁ ସୁରକ୍ଷିତ ରଖିବି । ବିଶେଷତଃ ଏପରି ଝାଡୁରେ ପରିଷ୍କାର କଲାପରି ତାଣ୍ଡବ ସୃଷ୍ଟିକାରୀ ବିନାଶ ଲୀଳା ଯେଉଁଥିରେ ଲୋକମାନେ କୁକୁର ପରି ମରି ପଡୁଛନ୍ତି । ଏପରିକି ଲୋକମାନେ ଇତଃସ୍ତତ ହୋଇ ପଳାୟନର ମାର୍ଗ ଆପଣାଇବାକୁ ବିବଶ ହେଉଛନ୍ତି । ଏହିପରି ମୌଲବୀ ଅହମଦ ହୁସେନ ସାହେବଙ୍କ ପକ୍ଷେ ଏହା ଆବଶ୍ୟକ ଯେ କୌଣସିମତେ ନିଜ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ ସେ ଅମରୋହା (ଉତ୍ତର ପ୍ରଦେଶ)କୁ ପ୍ଲେଗମୁକ୍ତ ରଖିବେ । ବର୍ତ୍ତମାନ ଏହି ପ୍ରାର୍ଥନା କରିବା ଅବଶ୍ୟମ୍ଭାବୀ

ହୋଇପଡ଼ିଛି । କାରଣ ଉକ୍ତ ଅଞ୍ଚଳ ପ୍ଲେଗ୍ ଆକ୍ରାନ୍ତ ଅଞ୍ଚଳ ଠାରୁ ୨୦୦କୋଶ ଦୂରରେ ଅବସ୍ଥିତ । କିନ୍ତୁ କାଦିୟାନର ଚତୁର୍ପାର୍ଶ୍ୱରେ ମାତ୍ର ଦୁଇ କୋଶ ଦୂର ମଧ୍ୟରେ ମୃତ୍ୟୁର ତାଣ୍ଡବ ଲୀଳା ଚାଲିଛି । ଏହା ଏଭଳି ଏକ ସ୍ୱଷ୍ଟ ପ୍ରତିଦ୍ୱନ୍ଦୀତା, ଯେଉଁଥିରେ ସର୍ବସାଧାରଣ ପାଇଁ ପ୍ରଚ୍ଛନ୍ନରେ ହିତକର ସାବ୍ୟସ୍ତ ହେବ । ପୁନଶ୍ଚ ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ ମଧ୍ୟ ଜଣା ପଡ଼ିଯିବ । କାରଣ ଯଦି ମୌଲବୀ ଅହମଦ ହୁସେନ ସାହେବ ଅଭିଶାପ ପକାଉଥିବା ଅମଙ୍ଗଳ ଚିନ୍ତାକାରୀଙ୍କ ମୁକାବିଲା କରି ସଂସାରରୁ ବିଦାୟ ନେଇଯା'ନ୍ତି, ତେବେ ଏଥିରେ ଅମରୋହାର କ'ଣ ବା ହିତ ସାଧିତ ହେବ । କିନ୍ତୁ ଯଦି ସେ ନିଜର କାଳ୍ପନିକ ମସିହଙ୍କ ପାଇଁ ପ୍ରାର୍ଥନା ଗୃହୀତ କରାଇ, ପ୍ରଭୁଙ୍କ ଶରଣରୁ ଅମରୋହାକୁ ପ୍ଲେଗ୍ ମୁକ୍ତ ରଖିବାର ଅନୁମୋଦନ ହାସଲ କରାଇ ନିଅନ୍ତି, ତେବେ ନା କେବଳ ତାଙ୍କର ବିଜୟ ହେବ, ବରଂ ସମଗ୍ର ଅମରୋହା ଉପରେ ଏହା ତାଙ୍କର ଏପରି ଏକ ମହାନ ଉପକାର ଓ ଅନୁକମ୍ପା ହେବ, ଯାହା ପାଇଁ ସମଗ୍ର ଅଞ୍ଚଳବାସୀ କୃତଜ୍ଞତା ବ୍ୟକ୍ତ କରିବାକୁ ସକ୍ଷମ ହୋଇ ପାରିବେ ନାହିଁ । ଏପରି ଧାର୍ମିକ ବିତର୍କ ମୂଳକ ପ୍ରତିଦ୍ୱନ୍ଦୀତାର ବିଜ୍ଞାପନ ପ୍ରାୟ ୧୫ଦିନ ପୂର୍ବରୁ ନିଜ ପତ୍ରିକାରେ ପ୍ରକାଶ କରିଦେବା ସେମାନଙ୍କ ପାଇଁ ଅପରିହାର୍ଯ୍ୟ ହେବ ଯେ ମୁଁ ଏହି ବିଜ୍ଞାପନ ମିର୍ଜା ଗୁଲାମ ଅହମଦଙ୍କ ମୁକାବିଲାରେ ପ୍ରକାଶ କରୁଛି, ଯେ କି ମସିହ ମଉଦ ହେବାର ଦାବୀ କରିଛନ୍ତି । ମୁଁ ଜଣେ ବିଶ୍ୱାସକାରୀ ଯାହାଙ୍କ ପ୍ରାର୍ଥନା ଅବଶ୍ୟ ଗୃହୀତ ହୋଇଥାଏ ବୋଲି ପୂର୍ଣ୍ଣ ଆସ୍ଥା ରହିଛି । ମୁଁ ଐଶୀବାଣୀ ଲାଭ କରି ଅବା ସ୍ୱପ୍ନ ଦେଖି ଏହି ବିଜ୍ଞାପନ ପ୍ରକାଶ କରୁଛି ଯେ ନିଶ୍ଚିତ ରୂପେ ଅମରୋହା ପ୍ଲେଗ୍ ରୂପକ କରାଳ ବିଭୀଷିକା କବଳରୁ ସୁରକ୍ଷିତ ରହିବ । କିନ୍ତୁ କାଦିୟାନରେ ପ୍ଲେଗ୍ ବିପର୍ଯ୍ୟର ଧ୍ୱଂସ ଲୀଳାକୁ ଅନ୍ୟମାନେ ଅବଶ୍ୟ ଅବଲୋକନ କରିବେ । କାରଣ ତାହା ଜଣେ ମିଥ୍ୟାଚାରୀର ନିବାସସ୍ଥଳୀ । ଏହି ବିଜ୍ଞାପନ ଦ୍ୱାରା ସମ୍ଭବତଃ ଆଗାମୀ ଶୀତ ଦିନ ମଧ୍ୟରେ ଏହା ନିଷ୍ପତ୍ତି ହୋଇଯିବ ନତୁବା ଦ୍ୱିତୀୟ, ତୃତୀୟ ଶୀତ ଋତୁ ପର୍ଯ୍ୟନ୍ତ । ଯଦିଚ ଏବେ ମଇ ମାସ ଚାଲିଛି ଓ **ସୁନ୍ନତୁଲ୍ଲାଃ** (ଅଲ୍ଲାଃଙ୍କ ବିଧାନ) ଅନୁଯାୟୀ ଦେଶରେ କ୍ରମେ କ୍ରମେ ପ୍ଲେଗ୍‌ର ପ୍ରଭାବ ଶୀଥିଳ ପଡ଼ିଯିବ । ଈଶ୍ୱରଙ୍କ ରୋଜା (ଉପବାସ) ରଖିବା ଦିନମାନ ପାଖେଇ ଆସୁଛି । କିନ୍ତୁ ଆଶା ଅଛି ଯେ ପୁନଶ୍ଚ ୧୯୦୨ମସିହା ନଭେମ୍ବର ମାସର ପ୍ରାରମ୍ଭିକ ଦିନମାନଙ୍କରେ ସେ ସ୍ୱୟଂ ରୋଜା ଖୋଲି ଦେବେ । ସେତେବେଳେ ଜଣାପଡ଼ିବ ଯେ ସେହି ଉପବାସ ଖୋଲିବା ସମୟରେ କେଉଁମାନେ

ମୃତ୍ୟୁର ଯମଦୂତର ନାଗ ଫାଶରେ ଆଘାତଧ୍ୱନ ହୋଇଛନ୍ତି, ଯେହେତୁ ମସିହ ମଉଦ ଅ.ସ.ଙ୍କ ବାସଗୃହ ପଞ୍ଜାବରେ ଏବଂ ତାଙ୍କ ଦୃଷ୍ଟି ସର୍ବପ୍ରଥମେ ପଞ୍ଜାବ ଉପରେ ନିବଦ୍ଧ । ସେଥିପାଇଁ ଏହି ଦୈବି କାର୍ଯ୍ୟାନୁଷ୍ଠାନ ପ୍ରଥମେ ପଞ୍ଜାବରୁ ହିଁ ଆରମ୍ଭ ହେଲା । କିନ୍ତୁ ଅମରୋହା ମଧ୍ୟ ମସିହ ମଉଦ ଅ.ସ.ଙ୍କ ନିୟନ୍ତ୍ରଣରୁ ବାହାରେ ନାହିଁ । ତେଣୁ ଏହି ମସିହଙ୍କ ଅମାନ୍ୟକାରୀଙ୍କୁ ଦଂଶନ ତଥା ଦୁଷ୍ଟ ବିନାଶନ ଅମରୋହା ପର୍ଯ୍ୟନ୍ତ ମଧ୍ୟ ଅବଶ୍ୟ ପହଞ୍ଚିବ । ଆମ ପକ୍ଷରୁ ଏହା ହିଁ ଆମର ଦାବୀ ।

ଯଦି ମୌଲବୀ ଅହମଦ ହସନ ସାହେବ ଏହି ବିଜ୍ଞାପନ ପ୍ରକାଶ ପାଇବା ପରେ ଯାହାକୁ ସେ ଶପଥ ନେଇ ପ୍ରକାଶ କରିବେ ଏବଂ ଯଦି ଅମରୋହା ଅତି କମ୍‌ରେ ତିନୋଟି ଶୀତ ଋତୁ ସୁରକ୍ଷିତ ଅତିବାହିତ କରିଦିଏ, ତେବେ ଜାଣିନିଅ ଯେ ଏହି ବିନୀତ ପରମେଶ୍ୱରଙ୍କ ନିକଟରୁ ନୁହେଁ । ସୁତରାଂ ଏହାଠାରୁ ବଳୀ ଅନ୍ୟ କେଉଁ ନିଷ୍ପତ୍ତି ଉତ୍ତମ ହୋଇପାରିବ ? ମୁଁ ପରମେଶ୍ୱରଙ୍କ ନାମରେ ଶପଥ କରି କହୁଛି ଯେ ମୁଁ ହିଁ ସେହି ମସିହ ମଉଦ ଏବଂ ମୁଁ ହିଁ ସେହି ବ୍ୟକ୍ତି ଯାହାଙ୍କ ଆଗମନର ଅବତାରଗଣ ଭବିଷ୍ୟତବାଣୀ କରିଥିଲେ ଏବଂ ଦୃଢ଼ ବଚନ ଦେଇଥିଲେ । ମୋ ସମ୍ବନ୍ଧରେ ତୌରାତ୍ ଓ ଇଞ୍ଜିଲ୍‌ରେ ତଥା ପବିତ୍ର କୁରଆନରେ ସୂଚନା ଉଲ୍ଲେଖ ରହିଛି ଯେ ମୋ ସମୟରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେବ ତଥା ଭୂପୃଷ୍ଠରେ ଭୟଙ୍କର ପ୍ଲେଗ୍‌ର ମଡ଼କ ପଡ଼ିବ । ତାହା ହିଁ ମୋର ନିଦର୍ଶନ ହେବ । ଏହି କି ଯେ ପ୍ରତ୍ୟେକ ବିରୋଧି ପ୍ରତିପକ୍ଷ ତେବେ ସେ ଅମରୋହାର ହେଉ କିମ୍ବା ଅମୃତସରର, ସେ ଦିଲ୍ଲୀର ହେଉ କିମ୍ବା କଲିକତାର ଏବଂ ସେ ଗୋଲଡ଼ାଃର ହେଉ କିମ୍ବା ବଟାଲାର । ଯଦି ସେହି ବ୍ୟକ୍ତି ଏହା ପ୍ରତିଜ୍ଞା କରି କୁହେ ଯେ ଅମୁକ ଅଞ୍ଚଳ ପ୍ଲେଗ୍ ଦାଉରୁ ମୁକ୍ତ ରହିବ, ତେବେ ନିଶ୍ଚିର ରୂପେ ସେହି ସ୍ଥାନକୁ ପ୍ଲେଗ୍ କରାଳ ରୂପ ଅଧିକ ତୀବ୍ରତାର ସହ ଗ୍ରାସ କରିବ । କାରଣ ସେ ପରମେଶ୍ୱରଙ୍କ ବିରୁଦ୍ଧରେ ଛିଡ଼ା ହୋଇ ଧୃଷ୍ଟତା କରିଛି । ଏହି ପ୍ରସଙ୍ଗ କେବଳ ମୌଲବୀ ଅହମଦ ହସନ ସାହେବଙ୍କ ଠାରେ ସୀମିତ ନୁହେଁ । ବରଂ ବର୍ତ୍ତମାନ ତ ଆକାଶରୁ ସାଧାରଣ ପ୍ରତିଦ୍ୱନ୍ଦୀତା କରିବାର ସମୟ ଆସିଯାଇଛି । ଯେତେ ପ୍ରକାର ଲୋକମାନେ ମୋତେ ମିଥ୍ୟାବାଦୀ କହୁଛନ୍ତି, ଯେପରିକି ଶେଖ୍ ମୁହମ୍ମଦ ହୁସେନ ବଟାଲଭ୍ୱୀ ଯେ ମୌଲବୀ ନାମରେ ସୁପ୍ରସିଦ୍ଧ ଏବଂ ପିର ମେହର ଅଲୀ ଶାହ୍ ସାହେବ ଗୋଲଡ଼ି ଯେ ଅନେକଙ୍କୁ ସତ୍‌ପଥରୁ

ବିଚ୍ୟୁତ ରଖିଛନ୍ତି । ସେହିପରି ଅବ୍ଦୁଲ୍ ଜବ୍‌ବାର ଓ ଅବ୍ଦୁଲ୍ ହକ୍, ଅବଦୁଲ୍ ୱାହିଦ୍ ଗଜନୱୀ ଯେକି ମୌଲବୀ ଅବ୍ଦୁଲ୍ଲାଃ ସାହେବଙ୍କ ସମ୍ପ୍ରଦାୟର ଜଣେ ଐଶୀବାଣୀ ପ୍ରାପ୍ତକାରୀ ଭାବରେ ସୁପ୍ରସିଦ୍ଧ । ପୁଣି ମୁନ୍‌ଶି ଇଲାହି ବଖଶ୍ ସାହେବ ଆକାଉଣ୍ଟାଣ୍ଟ ଯେକି ମୋ ବିରୁଦ୍ଧରେ ଐଶୀବାଣୀ ପ୍ରାପ୍ତକାରୀ ହେବାର ଘୋଷଣା କରି ମୌଲବୀ ଅବ୍ଦୁଲ୍ଲାଃ ସାହେବଙ୍କୁ ସମ୍ବଦ କରି ଦେଇଛନ୍ତି ଏବଂ ଏପରି ଶବ୍ଦରେ ମିଥ୍ୟା କହିବାକୁ ସେ ଘୃଣା କଲେ ନାହିଁ । ଏହିପରି ନଯୀର ହୁସେନ ଦିଲ୍ଲୀ ନିବାସୀ ଯେକି ଜଣେ ଅତ୍ୟାଚାର ପ୍ରବୃତ ଓ ବେଧର୍ମୀ ଆଖ୍ୟା ଦେବାର ଭିତ୍ତି ସ୍ଥାପନକାରୀ । ଏ ସମସ୍ତେ ଇଚ୍ଛା କଲେ ଯେ ଏପରି ଅବସରରେ ନିଜର ଐଶୀବାଣୀର ସୂଚନା ଓ ନିଜ ଆସ୍ଥାର ମର୍ଯ୍ୟାଦା ରକ୍ଷା କରି ନିଜ ନିଜ ଅଞ୍ଚଳ ପାଇଁ ବିଜ୍ଞାପନ ପ୍ରକାଶ କରି ଦିଅନ୍ତୁ ଯେ ଆମ ସ୍ଥାନ ପ୍ଲେଗ୍‌ର ଭୟାବହତାରୁ ସୁରକ୍ଷିତ ରହିବ । ଏଥିରେ ତ ଖୋଲାଖୋଲି ଭାବରେ ସୃଷ୍ଟିର ଉପକାର ଓ ପ୍ରଶାସନ ପ୍ରତି ସହାନୁଭୂତି ବ୍ୟତୀତ ଅନ୍ୟ କିଛି ବିଷୟ ନାହିଁ । ପୁନଶ୍ଚ ସେମାନଙ୍କ ସମ୍ମାନ ଅକ୍ଷୁର୍ଣ୍ଣ ରହିବା ସହିତ ଲୋକମାନେ ତାଙ୍କୁ ୱଲି ଅର୍ଥାତ ଈଶ୍ୱରଙ୍କ ପ୍ରିୟ ରୂପେ ବିବେଚନା କରିବେ । ନଚେତ ସେମାନେ ମିଥ୍ୟାବାଦୀ ଓ ଅବଜ୍ଞାକାରୀ ହେବା ଉପରେ ମୋହର ଲାଗିଯିବ । ଏହି ପ୍ରସଙ୍ଗରେ ଆମେ ଖୁବ୍ ଶୀଘ୍ର ଏକ ବିସ୍ତୃତ ବ୍ୟାଖ୍ୟା ମୂଳକ ବିଜ୍ଞାପନ ପ୍ରକାଶିତ କରିବୁ ।

والسلام علٰی من اتبع الھدٰی

**ଓସ୍‌ସଲାମ୍ ଆଲା ମନିତ୍ ତବଲ୍ ହୁଦା ।**

★★★ ★★★

**ଜମ୍ମୁ ନିବାସୀ ଚିରାଗଦ୍ଦିନ୍ ନାମକ ଜଣେ ବ୍ୟକ୍ତି ସମ୍ବନ୍ଧରେ ନିଜର ସମ୍ପୂର୍ଣ୍ଣ ଜମାଅତକୁ ଏକ ସାଧାରଣ ସୂଚନା-**

ଯେହେତୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଆମର ଆନୁଗତ୍ୟ ସ୍ୱୀକାର କରି ଏହି ସାକ୍ଷ୍ୟ ଦେଇଥିଲା ଯେ ମୁଁ ବୈଅତ କରି ଅହେମଦିୟା ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ହୋଇଯାଇଛି । ସମ୍ଭବତଃ ସେ ପ୍ଲେଗ୍ ସମ୍ବନ୍ଧରେ ଗୋଟିଏ କିମ୍ବା ଦୁଇଟି ବିଜ୍ଞାପନ ପ୍ରକାଶ କରିଥିଲା ଏବଂ ମୁଁ ଉପର ଠାଉରିଆ ତାହାର କିଛି ଅଂଶ ଶୁଣିଥିଲି । କିନ୍ତୁ ଅଭିଯୋଗ ମୂଳକ ଅଂଶକୁ ଏବେ ସୁଦ୍ଧା ଶୁଣି ନାହିଁ । ତେଣୁ ମୁଁ ଅନୁମତି ପ୍ରଦାନ କରିଥିଲି ଯେ ତାହାର ପ୍ରକାଶନ ଦ୍ୱାରା ଆମର କୌଣସି ପ୍ରକାର କ୍ଷତି ହେବ ନାହିଁ । କିନ୍ତୁ ଦୁଃଖର ବିଷୟ ହେଉଛି ଯେ କେତେକ ତ୍ରାସଯୁକ୍ତ ଶବ୍ଦ ଓ ଅଶ୍ଳୀଳ ଦାବୀ ଯାହା ତାହାର ପାଦଟୀକାରେ ରହିଥିଲା, ମୁଁ ବହୁଳ ସଂଖ୍ୟକ ଜନ ସମାଗମ ଓ ଅନ୍ୟମନସ୍କତା ଯୋଗୁଁ ଶୁଣି ପାରି ନଥିଲି, ତାହାକୁ କେବଳ ତାଙ୍କ ପ୍ରତି ଥିବା ମୋର ସକରାତ୍ମକ ମନୋଭାବ ଓ ସଦିଚ୍ଛା ସହିତ ପ୍ରକାଶନ ପାଇଁ ଅନୁମତି ଦେଇଥିଲି । ଏବେ ରାତିରେ ସେହି ଚିରାଗ୍‌ଦ୍ଦିନ ସାହେବଙ୍କର ଅନ୍ୟ ଏକ ପ୍ରବନ୍ଧ ପାଠ କରିବାରୁ ଜଣାଗଲା ଯେ ଉକ୍ତ ପ୍ରବନ୍ଧଟି ଅତି ଭୟାବହ ପରିସ୍ଥିତି ଓ ବିଷମ ସମସ୍ୟ ସୃଷ୍ଟି କରିବ, ଯାହା ଇସଲାମ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ । ତାହାର ଆପାଦ ମସ୍ତକ ଅନୈତିକ ଓ ମିଥ୍ୟା କଥାରେ ଭରି ରହିଛି । ସେଥିରେ ଲେଖା ରହିଛି ଯେ ମୁଁ ଅବତାର ଏବଂ ଅବତାର ମଧ୍ୟ ଦୃଢ ସଂଙ୍କଳ୍ପଧାରୀ ତଥା ନିଜର କାର୍ଯ୍ୟ ଏହା ଉଲ୍ଲେଖ କରିଛନ୍ତି, ଯଦ୍ଦ୍ୱାରା ଖ୍ରୀଷ୍ଟଧର୍ମୀ ଓ ମୁସଲମାନମାନଙ୍କ ମଧ୍ୟରେ ସନ୍ଧି ସ୍ଥାପନ କରିବେ । ପବିତ୍ର କୁରଆନ, ବାଇବେଲ୍ ମଧ୍ୟରେ ଥିବା ଦ୍ୱନ୍ଦ ଓ ପାର୍ଥକ୍ୟ ଦୂର କରିଦେବ । ପୁନଶ୍ଚ ମରିୟମ ନନ୍ଦନ ଯୀଶୁଙ୍କର ଏକ ଅନୁଚର ହୋଇ ସେବା ସମ୍ପାଦନ କରିବ ଓ ଅବତାର ବୋଲାଇବ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଯେ ପବିତ୍ର କୁରଆନ କଦାପି ଏଭଳି ଦାବୀ କରି ନାହିଁ, ଯେ ତାହା ବାଇବେଲ୍ ଓ ତୌରାତ୍ ମଧ୍ୟରେ ସନ୍ଧି କରିବ । ବରଂ ସେହି ଧର୍ମଗ୍ରନ୍ଥଗୁଡ଼ିକ ମଧ୍ୟରୁ ମୌଳିକ ଅକ୍ଷର କାଢି ନିଆଯାଇ ସେଥିରେ ପରିବର୍ତ୍ତନ କରି ବିଗାଡ଼ି ଦେଇଛନ୍ତି । ଏଗୁଡ଼ିକୁ ଅସମ୍ପୂର୍ଣ୍ଣ ଓ ଅଧାପନ୍ତରିଆ ସାବ୍ୟସ୍ତ କରିଛନ୍ତି

ଏବଂ أَكْمَلْتُ لَكُمْ دِيْنَكُمْ **ଅକ୍‌ମଲ୍‌ତୁ ଲକୁମ୍ ଦିନକୁମ୍** (ଅଲ୍ ମାଏଦା 5:4)ର ବିଶେଷ ମୁକୁଟ ପିନ୍ଧାଇ ନିଜ ପାଇଁ ସାଇତି ରଖିଛନ୍ତି । ଆମର ବିଶ୍ୱାସ ଯେ ଏ ସମସ୍ତ ପୁସ୍ତକ ବାଇବେଲ୍, ତୌରାତ୍, ଆଦି ପବିତ୍ର କୁରଆନ୍ ତୁଳନାରେ ନଗଣ୍ୟ, ଯାହାର କୌଣସି ଅସ୍ତିତ୍ୱ ନାହିଁ ଏବଂ ସେଗୁଡ଼ିକ ଅସମ୍ପୂର୍ଣ୍ଣ ଓ ପରିବର୍ତ୍ତିତ ଗ୍ରନ୍ଥ । ମନେରଖ, ସମସ୍ତ ପ୍ରକାର ଉତ୍ତମ ଓ କଲ୍ୟାଣ ମୂଳକ ତଥ୍ୟ ପବିତ୍ର କୁରଆନରେ ରହିଛି । ଯେପରିକି ଆଜି ଠାରୁ ୨୨ବର୍ଷ ପୂର୍ବରୁ ଏହି ଐଶୀବାଣୀର ଉଲ୍ଲେଖ ରହିଛି;

قل انّما انا بشر مثلكم يوحى الى انّما الهكم اله واحد والخير كلّه فى القرآن لا يمسّه الّا المطهّرون

** କୁଲ୍ ଇନ୍ନମା ଅନା ବଶରୁନ୍ ମିସ୍‌ଲକୁମ୍ ୟୁହା ଇଲୈୟା ଅନ୍ନମା ଇଲାହୁକୁମ୍ ଇଲାହୁନ୍ ୱାହିଦ୍ ଓଲ୍‌ଖୈରୁ କୁଲ୍ଲୁହୁ ଫିଲ୍‌କୁରଆନ୍ ଲା ୟମସ୍‌ସୁହୁ ଇଲ୍ଲଲ୍ ମୁତହ୍‌ହରୁନ୍** ବାରାହିନେ ଅହମଦିୟାର ପୃଷ୍ଠା ସଂଖ୍ୟା-୫୧୧ ଦେଖନ୍ତୁ ।

ଅର୍ଥାତ ସେମାନଙ୍କୁ କହିଦିଅ ମୁଁ ତୁମମାନଙ୍କ ପରି ଦେହଧାରୀ ମାନବ । ମୋ ପ୍ରତି ଏହି ଦୈବିବାଣୀ ଅବତୀର୍ଣ୍ଣ ହୋଇଛି ଯେ ପରମେଶ୍ୱର ଏକ ଓ ଅଦ୍ୱିତୀୟ ଏବଂ ତାଙ୍କର ସମତୁଲ୍ୟ ଅନ୍ୟ କେହି ନାହିଁ, ଏବଂ ସମସ୍ତ ପ୍ରକାର ହିତ ପବିତ୍ର କୁରଆନରେ ହିଁ ଭରି ରହିଛି । ପବିତ୍ର ହୃଦୟଧାରୀ ଲୋକମାନେ ଏହାର ସତ୍ୟାସତ୍ୟକୁ ବୁଝି ପାରିଥାନ୍ତି । ସୁତରାଂ ଆମେ ପବିତ୍ର କୁରଆନକୁ ବାଦ ଦେଇ ଅନ୍ୟ କେଉଁ ପୁସ୍ତକର ସନ୍ଧାନ କରିବୁ ? ଏବଂ କାହିଁକି ଅବା ତାହାକୁ ଅସମ୍ପୂର୍ଣ୍ଣ ବୋଲି ବୁଝିନେବୁ । ଈଶ୍ୱର ଆମକୁ ସୂଚାଇ ଦେଇଛନ୍ତି ଯେ ଖ୍ରୀଷ୍ଟଧର୍ମ ସମ୍ପୂର୍ଣ୍ଣ ରୂପେ ମୃତ ପାଲଟି ଯାଇଛି ଏବଂ ବାଇବେଲ୍‌ର ନୂତନ ସମାଚାର ଏକ ମୁମୂର୍ଷୁ ଓ ଅସମ୍ପୂର୍ଣ୍ଣ ବାଣୀ ତେବେ ଜୀବିତ ସହିତ ମୃତର କିବା ସାମଞ୍ଜସ୍ୟ ହେବ ? ଖ୍ରୀଷ୍ଟଧର୍ମ ସହିତ ଆମର କୌଣସି ସନ୍ଧି ହେବାର ନାହିଁ । ତାହାର ସମସ୍ତ ସ୍ତୃତି ନିଷ୍ଫଳ ଓ ନଷ୍ଟଭ୍ରଷ୍ଟ ହୋଇଯାଇଛି । ଆଜି ଆକାଶ ତଳେ ପବିତ୍ର କୁରଆନ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ନାହିଁ । ଆଜି ଠାରୁ ୨୨ବର୍ଷ ପୂର୍ବେ ବରାହିନେ ଅହମଦିୟା'ରେ ପରମେଶ୍ୱରଙ୍କ ନିକଟରୁ ଏହି ବିନୀତ ସଂକ୍ରାନ୍ତରେ ଏହି ଦୈବିବାଣୀର ଉଲ୍ଲେଖ ରହିଛି;

ولن ترضى عنك اليهود ولاالنصارى وخرقوا له بنين و بنات

بغیرعلم قل هو الله احد الله الصمد لم یلد ولم یولد ولم یکن له کفوا احد۔ و یمکرون و یمکر الله والله خیرالماکرین۔ الفتنة ههنا فاصبر کما صبر اولوالعزم و قل رب ادخلنی مدخل صدق

**ଓଲନ୍ ତର୍‌ଜା ଅନ୍‌କଲ୍ ୟହୁଦୁ ଓଲନ୍ ନସାରା ଓ ଖରକୁଲହୁ ବନିନା ଓ ବନାତୁ ବିଗୈରି ଇଲମ୍ । କୁଲ୍‌ହୁଓଲ୍ଲାହୁ ଅହଦ୍ ଅଲ୍ଲାହୁ ସମଦ୍ ଲମ୍ ୟଲିଦ୍ ଓଲମ୍ ୟୁଲଦ୍ ଓଲମ୍ ୟକୁଲ୍ ଲହୁ କୁଫୁଅନ୍ ଅହଦ୍ ଓୟମ୍‌କରୁନା ଓୟମ୍‌କରୁଲ୍ଲାହା ଓଲ୍ଲାହୁ ଖୈରୁଲ୍ ମାକିରିନ୍ । ଅଲ୍‌ଫିତ୍‌ନତୁ ହାହୁନା ଫସ୍‌ବିର୍ କମା ସବରା ଉଲୁଲ୍ ଅଜମ୍ ଓକୁର୍ ରବ୍‌ବି ଅଦଖିଲ୍‌ନି ମୁଦ୍‌ଖଲା ସିଦ୍‌କିନ୍** ଅର୍ଥାତ ତୁମ ସହିତ ୟହୁଦି ଓ ଖ୍ରୀଷ୍ଟିୟାନମାନଙ୍କର ନା କେବେ ମୈତ୍ରୀ ସ୍ଥାପନ ହୋଇଥିଲା ନା ସେମାନେ କଦାଚିତ୍ ତୁମ କଥାରେ ସହମତ ହେବେ । (‘ନସାରା’ର ତାତ୍ପର୍ଯ୍ୟ ପାଦ୍ରୀ ଓ ବାଇବେଲ୍‌ର ସମର୍ଥନକାରୀ) ଏବଂ ପୁଣି କହିଲେ, ସେମାନେ ଅଯଥାରେ ପରମେଶ୍ୱରଙ୍କ ପାଇଁ ନିଜର କଳ୍ପିତ ପୁତ୍ର ଓ କନ୍ୟା ସନ୍ତାନ ଗଢି ନେଇଛନ୍ତି । ସେମାନେ ଜାଣନ୍ତି ନାହିଁ ଯେ ମରିୟମ ନନ୍ଦନ ଜଣେ ସାଧାରଣ ମାନବ ଥିଲେ । ଯଦି ପ୍ରଭୁ ଇଚ୍ଛା ପ୍ରକାଶ କରନ୍ତି, ତେବେ ମରିୟମ ନନ୍ଦନ ଯୀଶୁଙ୍କ ପରି ଅନ୍ୟ କାହାରିକୁ ଅଥବା ତାଙ୍କ ଠାରୁ ମଧ୍ଯ ଯୋଗ୍ୟ ପୁରୁଷ ସୃଷ୍ଟି କରିଦେବେ । କିନ୍ତୁ ସେ ତ ଏକ ଓ ଅଦ୍ୱିତୀୟ, ଯେକି ମୃତ୍ୟୁ ଓ ଜନ୍ମ ହେବାରୁ ପବିତ୍ର । ତାଙ୍କର ସମତୁଲ୍ୟ କେହି ନାହାନ୍ତି । ଏହା ଏଥିପ୍ରତି ସଙ୍କେତ କରୁଛି ଯେ ଯେହେତୁ ଖ୍ରୀଷ୍ଟିୟାନମାନେ କୋଳାହଳ ସୃଷ୍ଟି କରୁଛନ୍ତି, ଯୀଶୁ ମସିହ ମଧ୍ଯ ନିଜର ସାନିଧ୍ଯ ଓ ଉଚ୍ଚ ଆସନର ପ୍ରତିଷ୍ଠା ଦୃଷ୍ଟିରେ ଦେଖିଲେ ସେ ଏକ ଓ ଅତୁଳନୀୟ ଅଟନ୍ତି । ଏବେ ପରମେଶ୍ୱର କହୁଛନ୍ତି, ଦେଖ ମୁଁ ତାହାର ସମଗୁଣ ବିଶିଷ୍ଟ ଅନ୍ୟ ଏକ ମନୁଷ୍ୟ ସୃଷ୍ଟି କରିବାକୁ ଯାଉଛି, ଯେକି ତାହାଠାରୁ ଶ୍ରେୟସ୍କର ଏବଂ ଯେ ହେଉଛନ୍ତି ଗୁଲାମ ଅହମଦ ଅର୍ଥାତ ହଜରତ ମୁହମ୍ମଦ ସ.ଅଙ୍କର ଅନ୍ୟ ନାମ ।

ଯୀନ୍ଦେଗୀ ବଖଶ୍ ଯାମେ ଅହମଦ ହୈ    କ୍ୟା ପ୍ୟାରା ୟେ ନାମେ ଅହମଦ ହୈ
ଲାଖ ହୋଁ ଅମ୍ବିୟା ମଗର ବଖୁଦା    ସବସେ ବଢ କର ମୁକାମେ ଅହମଦ ହୈ
ବାଗେ ଅହମଦ ସେ ହମ ନେ ଫଲ୍ ଖାୟା    ମେରା ବୁସ୍ତାଁ କଲାମେ ଅହମଦ ହୈ
ଇବ୍‌ନେ ମରିୟମ କେ ଜିକର କୋ ଛୋଡ଼ୋ    ଉସ ସେ ବେହ୍‌ତର ଗୁଲାମେ ଅହମଦ ହୈ

ଏହା କେବଳ ଏକ କାବ୍ୟୋକ୍ତି ନୁହେଁ, ବରଂ ଏକ ବାସ୍ତବିକତା । ଯଦି ଅନୁଭବ ଦୃଷ୍ଟିକୋଣରୁ ଈଶ୍ୱରଙ୍କ ସମର୍ଥନ ମରିୟମ ନନ୍ଦନ ଯୀଶୁଙ୍କ ଠାରୁ ବେଶ୍ ଅଧିକ ମୋ ସହିତ ନାହିଁ, ତେବେ ମୁଁ ମିଥ୍ୟାବାଦୀ । ପରମେଶ୍ୱର ଏହା କହିଛନ୍ତି ଯାହା କେବଳ ମୋ ସହିତ କରି ନାହାନ୍ତି, ବରଂ ନିଜ ଅତ୍ୟାଚାର ପୀଡ଼ିତଙ୍କ ପାଇଁ ମଧ୍ୟ । ସେହି ଦୈବିବାଣୀର ଅବଶିଷ୍ଟ ଅନୁବାଦ ଏହିପରି: ଲୋକମାନେ ଯାବତୀୟ କଷଣ ଦେବା ପାଇଁ କଟୁ ଚକ୍ରାନ୍ତ  କରିବେ ଏବଂ ପରମେଶ୍ୱର ମଧ୍ୟ ଯୋଜନା ପ୍ରସ୍ତୁତ କରିବେ । ସେହି ଦିନଗୁଡ଼ିକ କଷ୍ଟକର ପରୀକ୍ଷାର ଦିନ ରୂପେ ଉପନିତ ହେବ ଏବଂ କୁହ କି ହେ ମୋହର ପ୍ରଭୁ ! ପବିତ୍ର ଭୂମିରେ ମୋତେ ସ୍ଥାନ ଦିଅ । ଏହା ଏକ ଅଧ୍ୟାତ୍ମିକ ପ୍ରବାସର ଧାମ ଏବଂ ଯେପରିକି ଏବେ ସୁଦ୍ଧା ଏହାର ଅର୍ଥ ମୁଁ ବୁଝିଥିଲି ଯେ ପରିଶେଷରେ ଧରାପୃଷ୍ଠରେ ପରିବର୍ତ୍ତନ ସୃଷ୍ଟି ହେବ ଏବଂ ଭୂପୃଷ୍ଠ ସତ୍ୟତାର ଚମକରେ ଉଜ୍ଜ୍ୱଳମୟ ହୋଇ ଉଠିବ । ବର୍ତ୍ତମାନ ଚିନ୍ତା କର ଯେ ଆମର ଓ ଖ୍ରୀଷ୍ଟବାଦୀଙ୍କ ମଧ୍ୟରେ କିପରି ତତ୍ତ୍ୱ ଭିତ୍ତିକ ପାର୍ଥକ୍ୟ ରହିଛି । ଯେଉଁ ପବିତ୍ର ଅସ୍ତିତ୍ୱଙ୍କୁ ଆମେ ସମଗ୍ର ସୃଷ୍ଟି ଜଗତରେ ସର୍ବୋତ୍କୃଷ୍ଟ ବିବେଚନା କରୁଛୁ, ତାହାଙ୍କୁ ଏମାନେ ମିଥ୍ୟାବାଦୀ କହୁଛନ୍ତି । ମୈତ୍ରୀ ଭିତ୍ତିକ ସନ୍ଧି ତ ସେତିକିବେଳେ ସ୍ଥାପନ ହୁଏ, ଯେତେବେଳେ ଉଭୟପକ୍ଷ କିଛି କିଛି ତ୍ୟାଗ କରିବାକୁ ସହମତି ପ୍ରଦାନ କରିଥାନ୍ତି । କିନ୍ତୁ ଯେଉଳି ଅବସ୍ଥାରେ ଆମ ଧର୍ମ ଓ ଆମ ଧର୍ମପୁସ୍ତକ ଖ୍ରୀଷ୍ଟଧର୍ମକୁ ଏକ ପୂର୍ଣ୍ଣ ଅପବିତ୍ର ଧର୍ମ ଦର୍ଶାଉଛି ଏବଂ ବାସ୍ତବପକ୍ଷେ ତାହା ହିଁ ସତ୍ୟ ତେବେ ଏପରି ସ୍ଥଳେ ଆମେ କିଭଳି ତାଙ୍କ ସହ ସନ୍ଧି ସ୍ଥାପନ କରିବା । ଏଭଳି ଧାର୍ମିକ ବିବାଦର ପରିଣାମ ସନ୍ଧି କଦାପି ହୋଇପାରେନା ବରଂ ତାହାର ପରିଣାମ ତ ଏହା ହେବ କି ଅସତ୍ ଧର୍ମର ମୂଳୋତ୍ପାଟନ ହେବ ଏବଂ ଧରାପୃଷ୍ଟର ସଦାଚାରୀ ବ୍ୟକ୍ତିମାନେ ସତ୍ (ଧର୍ମକୁ) ସ୍ୱୀକାର କରିବେ । ତା'ପରେ ସଂସାରର ସମାପ୍ତି ଘଟିବ । ଆମର ଧାର୍ମିକ କ୍ଷେତ୍ରରେ ଖ୍ରୀଷ୍ଟଧର୍ମିଙ୍କ ସହିତ କୌଣସି ପ୍ରକାର ଐକ୍ୟବଦ୍ଧତା ନାହିଁ । ବରଂ ଆମର ସେମାନଙ୍କୁ ଉତ୍ତର ଏହି କି ଯେ,

قُلْ يَاَيُّهَا الْكٰفِرُوْنَ لَآ اَعْبُدُ مَا تَعْبُدُوْنَ

(ଅଲ୍ କାଫିରୁନ୍ 109:2,3) **କୁଲ୍ ୟା ଅୟୁହଲ୍ କାଫିରୁନା ଲା'ଆବୁଦୁ**

**ମା ତାବୁଦୁନ୍** ସୁତରାଂ ଏହା କିଭଳି ଅପବିତ୍ର ବାଣୀ ଯାହାର ଚିରାଗଦ୍ଦିନ୍ ଦାୱା କରିଛନ୍ତି । ଏହା ତ ପଶ୍ଚାତାପର ସ୍ଥଳ ଯେ ଜଣେ ବ୍ୟକ୍ତି ଯେ ନିଜକୁ ମୋର ଅନୁଗାମୀ ବୋଲାଉଛି, ନିଜ ତୁଣ୍ଡରୁ ଅସଭ୍ୟ ଭାଷା ନିର୍ଗତ କରୁଛି କି ମୁଁ ମରିୟମ ନନ୍ଦନ ଯୀଶୁଙ୍କ ନିକଟରୁ ଅବତାର ହୋଇ ଆସିଛି । ଯଦ୍ୱାରା ଏହି ଦୁଇ ଧର୍ମ ମଧ୍ୟରେ ସନ୍ଧି ସ୍ଥାପନ କରିବି । **ଲାନତୁଲ୍ଲାହି ଅଲଲ୍ କାଫିରିନ୍** ଖ୍ରୀଷ୍ଟଧର୍ମ ଏଭଳି ଏକ ଧର୍ମ ଯାହା ପ୍ରସଙ୍ଗରେ ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି ଯେ ତାହାର କୋପରେ ଧରା ପୃଷ୍ଠ ଫାଟିଯିବ । ଆକାଶ ଟୁକୁଡ଼ା ଟୁକୁଡ଼ା ହୋଇଯିବ । କ'ଣ ଏହା ସନ୍ଧି ? ପୁନଶ୍ଚ ସମସ୍ତ ବୁଦ୍ଧିଜ୍ଞାନ, ଅଗାଧ ପାଣ୍ଡିତ୍ୟ ଓ ପୂର୍ଣ୍ଣ ପବିତ୍ରତା ପରେ ଏହା କହିବା ମୁଁ ରସୁଲ ଅଟେ । କିଭଳି ପ୍ରଭୁଙ୍କ ପବିତ୍ର ବ୍ୟବସ୍ଥା (ସିଲସିଲା)ର ମର୍ଯ୍ୟାଦା ହାନି ଅଟେ । ଯେପରିକି ଧର୍ମବିଧାନ ଓ ଅବତାରତ୍ୱ ପିଲାଖେଳ ଅଟେ । ଅଜ୍ଞାନତା ଯୋଗୁଁ ଏହା ବୁଝିପାରୁ ନାହାନ୍ତି ଯେ ପୂର୍ବ କାଳରେ କେତେକ ଅବତାରଙ୍କ ସପକ୍ଷରେ ଓ ଅବତାର ମଧ୍ୟ ତାଙ୍କ କାଳରେ ଆବିର୍ଭୂତ ହୋଇଥିଲେ । ଯେପରି ହଜରତ ମୁସାଙ୍କ ସାଥିରେ ହାରୁନ୍ କିନ୍ତୁ ନବୀଶ୍ରେଷ୍ଠ ଓ ଶ୍ରେଷ୍ଠୱଲି ସେଥିରୁ ଭିନ୍ନ ଅଟନ୍ତି । ଯେପରିକି ହଜୁର [ସ.ଅ]ଙ୍କ ସାଥିରେ ଅନ୍ୟ କେହି ନିର୍ଦ୍ଦେଶକ ଓ ଅବତାର ନଥିଲେ ଏବଂ ସମସ୍ତ ସାହାବା ଜଣେ ନିର୍ଦ୍ଦେଶକଙ୍କ ଅନୁଗାମୀ ଥିଲେ । ସେହିପରି ଏହି ସ୍ଥଳେ ମଧ୍ୟ ଜଣେ ମାତ୍ର ନିର୍ଦ୍ଦେଶକଙ୍କର ସମସ୍ତେ ଅନୁଗାମୀ ଅଟନ୍ତି । କାହାର ଅଧିକାର ନାହିଁ ଯେ ସେ ସ୍ୱଇଚ୍ଛାରେ ନିଜକୁ ଅବତାର ବୋଲି ଘୋଷଣା କରିଦେବ ।

ଏବଂ ଆମର ଆଗମନ କେବଳ ଦୁଇ ଦେବଦୂତଙ୍କ ସାଥିରେ ହୋଇ ନାହିଁ ବରଂ ସହସ୍ର ଦେବଦୂତ ସାଥିରେ ହୋଇଛି । ଏବଂ ପ୍ରଭୁଙ୍କ ସମକ୍ଷରେ ସେମାନେ ପ୍ରଶଂସା ଯୋଗ୍ୟ । ଯେ ବର୍ଷ ବର୍ଷ ଧରି ମୋ ସାହାଯ୍ୟ ସହଯୋଗରେ ବ୍ୟସ୍ତ ରହିଛନ୍ତି । ତାଙ୍କର ଏହି ସେବା ମୋର ଓ ମୋ ପ୍ରଭୁଙ୍କ ନିକଟରେ ସେମାନଙ୍କ ସାହାଯ୍ୟ ସାବ୍ୟସ୍ତ କରୁଛି । କିନ୍ତୁ ଚିରାଗଦ୍ଦିନ (ଆମର) କେଉଁ ପ୍ରକାର ସାହାଯ୍ୟ କରିଥିଲେ, ତାଙ୍କର ତ ଉପସ୍ଥିତି ଓ ଅନୁପସ୍ଥିତି ଉଭୟ ବରାବର ଅଟେ । ପାଖାପାଖି ୩୦ବର୍ଷ ହେଲା ଏହି ସଂଗଠନର କାର୍ଯ୍ୟକ୍ରମ ଚାଲିଛି କିନ୍ତୁ ତାଙ୍କର ଜନ୍ମ ଏଇ ମାତ୍ର କିଛି ମାସ ତଳେ ହୋଇଛି ଏବଂ ମୁଁ ତାଙ୍କର ଚେହେରା ଦେଖି ନାହିଁ, ନା ତାଙ୍କୁ ଭଲ ଭାବରେ ଚିହ୍ନିଛି ଯେ ସେ କିଏ । ନା ସେ ଆମ ସଙ୍ଗତ ଓ ସଂସ୍ପର୍ଶରେ ଆସିଛନ୍ତି । ନା

ମୁଁ ତାଙ୍କୁ ବୁଝି ପାରୁଛି ଯେ ସେ ମୋର କି ସାହାଯ୍ୟ କରିବା ପାଇଁ ଚାହୁଁଛନ୍ତି । କ'ଣ ଆରବି ରଚନା କରିବାର ନିଦର୍ଶନରେ ଅବା ପବିତ୍ର କୁରଆନର ଗୂଢ଼ତତ୍ତ୍ୱ ବର୍ଣ୍ଣନା କରିବାରେ ମୋର ସାହାଯ୍ୟ କରିବେ ଅବା ଧର୍ମତର୍କ କରିବାରେ ମୋର ସହାୟତା କରିବେ ଯାହାକି ସ୍ୱଭାବ ଓ ଦର୍ଶନଶାସ୍ତ୍ର ରଙ୍ଗରେ ଖ୍ରୀଷ୍ଟଧର୍ମାବଲମ୍ବୀ ଓ ଅନ୍ୟାନ୍ୟ ଗୋଷ୍ଠୀ ସମୁହ ସହିତ ହେଉଛି । ମୁଁ ତ' ଜାଣେ ସେ ସମସ୍ତ ମାର୍ଗରୁ ବଞ୍ଚିତ ଅଛନ୍ତି ଏବଂ ତାମସିକ ଆତ୍ମାର ତ୍ରୁଟି ତାହାକୁ ନିଜ ଗର୍ବ ପ୍ରତି ଆକର୍ଷିତ କରିଥାଏ । ସୁତରାଂ ସେ ଆଜି ଆମ ଜମାଅତରୁ ନିଜକୁ ଅଲଗା କରି ନେଇଛନ୍ତି, ଯେପର୍ଯ୍ୟନ୍ତ ନିର୍ମଳ ହୃଦୟର ସହ ସେ କ୍ଷମା ଜାଚନାର ପତ୍ର ପ୍ରକାଶ କରି ନାହାନ୍ତି ଏବଂ ଏହି ଅପବିତ୍ର ଅବତାରର ଘୋଷଣା କରିବାରୁ ସଦାସର୍ବଦା ପାଇଁ ଅଲଗା ହୋଇଯାଇ ନାହାନ୍ତି ।

ଦୁଃଖଃଦ ଯେ ସେ ଅକାରଣେ ନିଜ ଅହଂକାର ଯୋଗୁଁ ଆମ ସଚ୍ଚୋଟ ସହାୟକମାନଙ୍କର ସମ୍ମାନ ହାନି କଲେ ଏବଂ ଖ୍ରୀଷ୍ଟଧର୍ମ ପରି ଅପବିତ୍ର ଧର୍ମ ସହିତ ଇସଲାମକୁ ସମତୁଲ୍ୟ କରି ନେଇଛନ୍ତି । ସୁତରାଂ ଏପରି ବ୍ୟକ୍ତିର ଆମେ ତିଳେ ମାତ୍ର ପରୱା କରୁ ନାହୁଁ । ଏପରି ବ୍ୟକ୍ତି ଆମର ନିମିତ ମାତ୍ର ଅନିଷ୍ଟ ଘଟାଇ ପାରିବ ନାହିଁ । ନା ଆମର ଉପକାର ସାଧିତ କରିପାରିବ । ଆମ ଜମାଅତକୁ ଆବଶ୍ୟକ ଯେ ଏପରି ବ୍ୟକ୍ତି ଠାରୁ ପୂର୍ଣ୍ଣ ରୂପେ ଦୂରତା ରକ୍ଷା କରନ୍ତୁ । ତାଙ୍କ ଲେଖନିର ଆମକୁ ପୂର୍ଣ୍ଣ ଜ୍ଞାତ ନଥିଲା, ଯେଉଁଥିପାଇଁ ଆମେ ତାହାର ପ୍ରକାଶନର ଅନୁମତି ପ୍ରଦାନ କରିଦେଇଥିଲୁ । ବର୍ତ୍ତମାନ ଉକ୍ତ ଲେଖାଗୁଡ଼ିକୁ ନଷ୍ଟ କରିଦେବା ଉଚିତ । ସତ୍ୟାନୁସନ୍ଧିତ୍ସୁଙ୍କୁ ଅଲ୍ଲାଃତାଲା ଆଶିଷ ପ୍ରଦାନ କରନ୍ତୁ ।

ପ୍ରକାଶକ

ବିନୀତ

ମିର୍ଜା ଗୁଲାମ ଅହମଦ କାଦିୟାନୀ

୨୩ ଅପ୍ରେଲ ୧୯୦୨ମସିହା

## ପାଦଟୀକା ନଂ-୧

ଚିରାଗ୍‌ଦ୍ଦିନ ପ୍ରସଙ୍ଗରେ ମୁଁ ଏହା ଲେଖୁଥିଲି ଯେ ସ୍ୱଳ୍ପ ସମୟର ଅର୍ଧନିଦ୍ରା ଅବସ୍ଥାରେ ମୋତେ ଐଶ୍ୱର୍ଯ୍ୟମୟ ପରମେଶ୍ୱରଙ୍କ ନିକଟରୁ ଏହି ଐଶୀବାଣୀ ଲାଭ ହେଲା । نـزل بـہ جبيـز **ନଜଲା ବିହି ଜବିୟ୍** ଅର୍ଥାତ ତାହା ଉପରେ ଜବିୟ୍ ଅବତୀର୍ଣ୍ଣ ହୋଇଥିଲା କିନ୍ତୁ ସେ ତାହାକୁ ଐଶୀବାଣୀ ଅଥବା ସ୍ୱପ୍ନାଦେଶ ମନେକରିନେଲା । ଜବିୟ୍ ଶୁସ୍କ ଓ ସ୍ୱାଦହିନ ରୁଟିକୁ କୁହନ୍ତି । ଯେଉଁଥିରେ କୌଣସି ମଧୁରତା ନଥାଏ ଏବଂ ବଡ଼ କଷ୍ଟରେ ଗଳାରୁ ଉଦରକୁ ଖସିଥାଏ । ତାହାର ଆଉ ଏକ ଅର୍ଥ କୃପଣ ପୁରୁଷ ଓ ନିଚ ସ୍ୱଭାବିକୁ ମଧ କୁହନ୍ତି । ଯାହା ସ୍ୱଭାବରେ ଖଳ, ଦୁର୍ବଳତା ଓ କୃପଣତାର ଅଂଶ ଅଧିକ ରହିଥିବ । ଏହି ସ୍ଥାନରେ ଜବିୟ୍‌ର ଅର୍ଥ ସେହି ବାର୍ତ୍ତା ଓ ଅପରିଚ୍ଛନ୍ନ ଚିନ୍ତାଧାରା ଅଟେ । ଯାହା ସହିତ ଐଶ୍ୱରିକ ପ୍ରକାଶ ନଥାଏ ଏବଂ କୃପଣତାର ପ୍ରଭାବ ରହିଥାଏ । ତଥା ଏଭଳି ଶୁସ୍କ ଚିନ୍ତାଧାରା ଉପରେ କାର୍ଯ୍ୟକାରୀ କରିବାର ପରିଣାମ ଅବା ଆଶା ଓ ଅଭିଳାଷା ସମୟରେ ଶୈତାନର ବାଣୀ ଅବତୀର୍ଣ୍ଣ ହୋଇଥାଏ । ଶୁସ୍କ ଓ ବ୍ୟଗ୍ର ଚିନ୍ତାଧାରା ଯୋଗୁଁ କଦାଚିତ ଐଶୀବାଣୀ ଲାଭ କରିବାର ଅଭିଳାଷ ଏପରି ବାଣୀ ହୃଦୟରେ ପଡ଼ି ଯାଇଥାଏ ଏବଂ ଯେହେତୁ ତାହା ଅନ୍ତଃ ଦେଶରେ କୌଣସି ଆଧାତ୍ମିକତା ନଥାଏ । ଅତଏବ ଦୈବି ଭାଷାରେ ଏପରି ଚିନ୍ତାଧାରାର ନାମ **ଜବିୟ୍** ଅଟେ । ସୁତରାଂ ତାହାର ପ୍ରତିକାର କ୍ଷମା ଜାଚନା, ଅନୁତାପ ଓ ଏପରି ଚିନ୍ତାଧାରାରୁ ସମ୍ପୂର୍ଣ୍ଣ ରୂପେ ବିମୁଖତା ଅବଲମ୍ବନ କରିବା ଅନିବାର୍ଯ୍ୟ । ନଚେତ **ଜବିୟ୍**ର ଆଧିକତ୍ୟ ଯୋଗୁଁ ପାଗଳାମିର ଆଶଙ୍କା ବଢିଯାଇଥାଏ । ପରମେଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏପରି ବିପତ୍ତିରୁ ରକ୍ଷା କରନ୍ତୁ ।

ଏଥି ସହିତ

## ପାଦଟୀକା ନଂ-୨

ରାତ୍ରରେ ଠିକ୍ ଚନ୍ଦ୍ର ଗ୍ରହଣ ସମୟରେ ମୋତେ ଚିରାଗ୍‌ଦ୍ଦିନ ସଂକ୍ରାନ୍ତରେ ଐଶୀବାଣୀ ହେଲା انّی اذیب من یریب **ଇନ୍ନି ଉଜିବୁ ମଇ୍ ୟରିବ୍** ଅର୍ଥାତ ମୁଁ ତାହାକୁ ବିନାସ କରିଦେବି । ମୁଁ ତାହାକୁ ଧ୍ୱଂସ ବିଧ୍ୱଂସ କରିଦେବି । ମୋର କୋପ ତାହା ଉପରେ ଅବତୀର୍ଣ୍ଣ ହେବ ଯଦି ସେ ସନ୍ଦେହ କଲା ଏବଂ ଏହା ଉପରେ ବିଶ୍ୱାସ ଆଣିଲା ନାହିଁ । ତଥା ଅବତାରତ୍ୱ ଓ ନିର୍ଦ୍ଦେଶିତ ହେବାର ଘୋଷଣାରୁ ଓହରି କ୍ଷମା ଯାଚନା କଲା ନାହିଁ । ପ୍ରଭୁଙ୍କ ଭକ୍ତଗଣ ଯେ ବର୍ଷ ବର୍ଷ ଧରି ତାଙ୍କ ଧର୍ମସେବା ଓ ସହାୟତାରେ ମଗ୍ନ ରହି ଦିବାରାତ୍ର (ଆମ) ସଙ୍ଗତରେ ରହିଛନ୍ତି, ତାଙ୍କ ଠାରୁ ଦୋଷ ମାର୍ଜନ ନକରନ୍ତି । କାରଣ ସେ ଜମାଅତର ସମସ୍ତ ନିଷ୍ଠାବାନ ସଦସ୍ୟମାନଙ୍କର ତିରସ୍କାର କରିଛନ୍ତି ଏବଂ ସେମାନଙ୍କ ଉପରେ ନିଜ ଅସ୍ତିତ୍ୱକୁ ଅଗ୍ରାଧିକାର ଦେଇଛନ୍ତି । ଯେତେବେଳେ କି ପ୍ରଭୁ ବାରମ୍ବାର ବରାହିନେ ଅହମଦିୟାରେ ସେମାନଙ୍କ ପ୍ରଶଂସା କରି ତାଙ୍କୁ ପ୍ରାଥମିକ ପ୍ରର୍ଯ୍ୟାୟର (ସାହାବା) ଆଖ୍ୟା ଦେଇ ଦର୍ଶାଇଲେ;

اصحاب الصفۃ و ما ادراک ما اصحاب الصفۃ **ଅସ୍‌ହାବୁଲ୍ ସୁଫା ଓମା ଅଦରକା ମା ଅସହାବୁଲ୍ ସୁଫା**

ଏବଂ ଜବିଯ୍ ସେହି ଶୁଷ୍କ ରୁଟିକୁ କୁହନ୍ତି ଯାହାକୁ ଦାନ୍ତ ଭାଙ୍ଗି ପାରି ନଥାଏ ଏବଂ ତାହା ଦାନ୍ତକୁ ଭାଙ୍ଗିଦିଏ ଓ ଅତି କଷ୍ଟରେ ଗଳାରୁ ତଳକୁ ଖସିଥାଏ ତଥା ଅନ୍ତଃନଳିକୁ ଫାଡ଼ି ପେଟ ବ୍ୟଥା କରିଥାଏ । ସୁତରାଂ ଏହି ଶବ୍ଦ ଦ୍ୱାରା ଦର୍ଶାଇଲେ ଯେ ଚିରାଗଦ୍ଦିନ୍‌ଙ୍କର ଏହି ପତ୍ରିକା ଏବଂ ଏହି ଭବିଷ୍ୟତବାଣୀ ତାଙ୍କ ସକାଶେ ମାତ୍ର ଜବିଯ୍ ଓ ବିନାଶକ ଅଟେ । କିନ୍ତୁ ସେ ଯେଉଁ ସାହାବାମାନଙ୍କର ତିରସ୍କାର କରିଥାଏ, ସେମାନଙ୍କ ପାଇଁ ତ' ତୋଷା ଅବତୀର୍ଣ୍ଣ ହୋଇଥାଏ ଏବଂ ତାଙ୍କ ସକାଶେ ପ୍ରଭୁଙ୍କ ଆଶିଷର ବୃହତ ଅଂଶ ନିୟତ ରହିଛି ।

مائدہ چیزیست دیگر خشک نان چیزے دگر
خوردنی ہرگز نباشد نان خشک اے بے ہنر
دوستاں را مائدہ بدہند از مہر و کرم

پاره!ہائے خشک نان بیگانگان را نیزہم
نیز ہم پیشِ سگان آں خشک نان مے افگنند
مائده از لطف!ہا پیشِ عزیزان مے برند
ترک کن ایں خشک ناں را ہوش کن فرزانہ باش
گر خردمندی پئے آں مائده دیوانہ باش

★★★ ★★★